## ଗଞ୍ଜେଇ ସହ ଭ୍ୟାନ୍ ଜବତ, ଜଣେ ଗିରଫ




**ତୁଷୁରା, ୨୫।୬(ସମିସ):** ତୁଷୁରା ଅବକାରୀ ବିଭାଗ ପକ୍ଷରୁ କୁମ୍ଭାରପଡ଼ା ଜଙ୍ଗଲ ରାସ୍ତା ନିକଟରୁ ୬୦ କେଜି ଗଞ୍ଜେଇ ଏକ ଭ୍ୟାନ୍ ଜବତ ସହିତ ବାହାର ରାଜ୍ୟର ଜଣକୁ ଗିରଫ କରିଯାଇଛି। ଅପରପକ୍ଷରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ତୁଷୁରା ଅବକାରୀ ବିଭାଗ କୁମ୍ଭାରପଡ଼ା ଜଙ୍ଗଲ ରାସ୍ତାରେ ଛକିବସି ଥିଲା। ପରେ ଏକ ଭ୍ୟାନ୍ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୧୫ କେଜି ଲେଖାଏଁ ୪ ଟି ବସ୍ତା ପାକିଟ ରୁ ୬୦ କେଜି ଗଞ୍ଜେଇ ବାହାରିଥିଲା। ଅଭିଯୁକ୍ତ ବିହାର ରାଜ୍ୟର ସୋନୁକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଅବକାରୀ ବିଭାଗ ଓଆଇସି ଶ୍ରୀକାନ୍ତ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ପୁଣି ଉଠିଲାଣି କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି

**ବଲାଙ୍ଗିର, ୨୫।୬(ସମିସ)**

ରାଜ୍ୟରେ ବଦଳିଛି ସରକାର ବଲାଙ୍ଗିରକୁ ମିଳିଛି ଗୁରୁତ୍ୱ। ଜିଲ୍ଲାର ଦୁଇ ବିଧାୟକ ରାଜ୍ୟ ମନ୍ତ୍ରୀମଣ୍ଡଳର ମୁଣ୍ଡିଆଳ ପଦବୀରେ ରହିଛନ୍ତି। ଜଣେ ଉପମୁଖ୍ୟମନ୍ତ୍ରୀ ହେବା ସହ ଗୁରୁତ୍ୱପୂର୍ଣ୍ଣ କୃଷି ଓ କୃଷକ ଶସକ୍ତିକରଣ ବିଭାଗ ସମ୍ଭାଳୁଥିବା ବେଳେ ଆଉ ଜଣେ ସ୍ୱାସ୍ଥ୍ୟ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି। ଏହି ଦୁଇ ବିଧାୟକଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିବା ପରେ ଦୀର୍ଘ ବର୍ଷ ହେଲା ହୋଇଆସୁଥିବା ଦାବି ପୂରଣ ହେବାର ଆଶା ସଞ୍ଚାର ହୋଇଛି। ଏହାରି ଭିତରେ ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନକୁ ନେଇ ପୁଣି ଦାବି ହେଉଥିବା ବେଳେ ଜିଲ୍ଲାର ବିଜେପି ନେତା ଉପମୁଖ୍ୟମନ୍ତ୍ରୀ ହେବା ସହ କୃଷି ବିଭାଗର ମନ୍ତ୍ରୀ ହୋଇଥିବାରୁ ଏନେଇ ଲୋକଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର ହୋଇଛି। ତେବେ ତାହା ପୂରଣ

**ନିଜେ କନକବର୍ଦ୍ଧନ ଦାବିକୁ କରିଥିଲେ ଅଧିକ ଶାଣିତ**

**ଗୁରୁଦାୟିତ୍ୱ ମିଳିବା ପରେ ଆଶାବାଦୀ ଜିଲ୍ଲାବାସୀ**

ହେବା ନା ଝୁଲିବ ତାକୁ ନେଇ ଆଲୋଚନା ଆରମ୍ଭ ହୋଇଛି।

ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପାଇଁ ଦୀର୍ଘ ବର୍ଷରୁ ଦାବି ହୋଇଆସୁଛି। ରାଜ୍ୟରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ନିଷ୍ପତ୍ତି ହେବା ପରେ ପରେ ହିଁ ଏଠାରେ ସ୍ଥାପନ କରିବା ପାଇଁ ଜିଲ୍ଲାରେ ଅନେକ ବରିଷ୍ଠ ନେତା ଦାବି ଉପସ୍ଥାପନ କରିଥିଲେ। ଏପରିକି ଏହି ଦାବିକୁ ଅଧିକ ଶାଣିତ କରିଥିଲେ ନିଜେ ବର୍ତ୍ତମାନର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ସେହି ସମୟରେ ସେ ପାଟଣାଗଡ଼ ବିଧାୟକ ରହିଥିବା ବେଳେ ନରସିଂହ ମିଶ୍ରଙ୍କ ସହ ମିଶି ଏହି ଦାବିକୁ ବିଧାନସଭାରେ ମଧ୍ୟ ଉପସ୍ଥାପନ କରିଆସୁଥିଲେ। ଦାବିକୁ ଅଧିକ ଶାଣିତ କରିଥିବା ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂହଦେଓ ନିଜେ ଏବେ ମନ୍ତ୍ରୀମଣ୍ଡଳର ପାୱାର ହାଉସ ବୋଲି କୁହାଯାଉଛି। ତାଙ୍କ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କରାଯିବା ସହ ଗୁରୁତ୍ୱପୂର୍ଣ୍ଣ କୃଷି ଓ କୃଷକ ଶସକ୍ତିକରଣ ବିଭାଗ ତାଙ୍କ ହାତରେ ରହିଛି। ଫଳରେ ଏହି ଦାବି ପୂରଣ ହେବାର ସମ୍ଭାବନା ପ୍ରକାଶ ପାଇଛି। ଦାୟିତ୍ୱ ନେବା ପରେ ଲୋକଙ୍କ ଆଶା ତାଙ୍କ ଉପରେ ରହିଥିବା ବେଳେ ଦୀର୍ଘ ବର୍ଷର ଦାବି ପୂରଣ ହୋଇପାରେ ବୋଲି ଆଲୋଚନା ଆରମ୍ଭ ହୋଇଛି। ସରକାରରେ ନିଜେ ପ୍ରଭାବଶାଳି ହୋଇଥିବା ବେଳେ ତତସମ୍ବନ୍ଧୀୟ ବିଭାଗର ମନ୍ତ୍ରୀ ମଧ୍ୟ ନିଜେ ହୋଇଥିବାରୁ ଲୋକେ ଆଶାବାଦୀ ହେବା ସ୍ୱାଭାବିକ ବିଷୟ। ଏନେଇ ସେ ଏବିଷୟରେ କୌଣସି ଟିପ୍ପଣୀ ଦେଇନଥିବା ବେଳେ ଉପମୁଖ୍ୟମନ୍ତ୍ରୀ ହେବା ପରେ ଗୁରୁବାର ପ୍ରଥମେ ଆସୁଥିବାରୁ ଏନେଇ କୌଣସି ଶୁଭବାର୍ତ୍ତା ଶୁଣିବା ଅପେକ୍ଷାରେ ରହିଛନ୍ତି ଜିଲ୍ଲାବାସୀ। ତେବେ ଦୀର୍ଘ ବର୍ଷର ଏହି ଦାବି ଆଗକୁ ପୂରଣ ହେବ ନା ରାଜନୈତିକ ଷଡ଼ଯନ୍ତ୍ର ଭିତରେ ଏହା ଜିଲ୍ଲାରୁ ଦୂରେଇ ଯିବ ତାକୁ ନେଇ ଆଲୋଚନା ଆରମ୍ଭ ହୋଇଛି।

## ରେଳଧାରଣାରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ବଲାଙ୍ଗିର, ୨୫।୬(ସମିସ):** ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ରେଳଲାଇନ ସ୍ଥିତ ଦେଓଗାଁ ଷ୍ଟେସନ ନିକଟରେ ରେଳଧାରଣା ଉପରୁ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତବ୍ୟକ୍ତିଙ୍କ ପରିଚୟ ମିଳି ନଥିବା ବେଳେ ତାଙ୍କର ବୟସ ପାଖାପାଖି ୩୫ରୁ ୪୦ ହେବ ବୋଲି ଅନୁମାନ କରାଯାଉଛି। ଗତକାଲି ବିଳମ୍ବିତ ରାତିରେ ଟିଟିଲାଗଡ଼ ପଟୁ ଫେରୁଥିବା କୌଣସି ଏକ ଗାଡ଼ିରେ ଧକ୍କା ହୋଇଛି। ଯେଉଁଥିରେ ତାଙ୍କର ମୁଣ୍ଡ ଫାଟିଯାଇଥିବା ଦେଖିବାକୁ ମିଳିଛି। ଖବର ପାଇବା ପରେ ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିଛି।

## ରେଳଲାଇନ ନିକଟରେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ

**ସଇଁତଳା, ୨୫।୬(ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଳା ଥାନା ଅନ୍ତର୍ଗତ ସଇଁତଳା ଓ ବଡ଼ମାଳ ରେଲୱେ ଷ୍ଟେସନ ମଝିରେ ଥିବା କମରଲଗା ରେଲୱେ ବ୍ରିଜ ନିକଟରୁ ଠିକ ୧୦୦ ମିଟର ଦୁରରେ ପଡ଼ି ରହିଛି ଜଣେ ଅଚିହ୍ନା ବ୍ୟକ୍ତିର ମୃତଦେହ। ମୃତବ୍ୟକ୍ତିର ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭିର ଆଘାତ ଲାଗିଛି। ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ଜଣାପଡୁନାହିଁ। ଖବର ଜଣାପଡୁଛି ଯେ ବଲାଙ୍ଗିର ଜିଆରପି ପୁଲିସ ରେଲୱେ ବିଭାଗ ଘଟଣାସ୍ଥଳକୁ ଆସି ତଦନ୍ତ କରିଛି।

## ଛାତ୍ରୀଙ୍କ ଗାଡ଼ି ଉପରକୁ ମଦ ବୋତଲ ଫିଙ୍ଗିବା ଘଟଣାର ତଦନ୍ତ ଆରମ୍ଭ

**ଦେଓଗାଁ, ୨୫।୬(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟର ଛାତ୍ରୀଙ୍କ ଗାଡ଼ି ଉପରକୁ ୨ଜଣ ଦୁର୍ବୃତ୍ତ ମଦ ବୋତଲ ଫିଙ୍ଗିବା ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଭାବକଙ୍କ ଅଭିଯୋଗକୁ ଆଧାରକରି ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିବା ବେଳେ ୨ଜଣ ନିଶାସକ୍ତ ଯୁବକ ଏହି ଉଦ୍ୟମ କରୁଥିଲେ। ଏଦିଗରେ ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି। ସୂଚନାନୁସାରେ ଛାତ୍ରୀମାନେ ଏକ ବଲେରୋରେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ ଗାଇବାହାଲ ନିକଟରେ ଗାଇବାହାଲ ଓ ବଡ଼ବନ୍ଧ ଗାଁର ୨ଜଣ ଯୁବକ ଛାତ୍ରୀଙ୍କୁ କମେଣ୍ଟ ମାରିବାସହ ମଦ ବୋତଲ ଗାଡ଼ି ଉପରକୁ ଫିଙ୍ଗିଥିଲେ। ହେଲେ ବୋତଲଟି ଗାଡ଼ିରେ ଲାଗିନଥିଲା। ପରେ ଅଭିଭାବକମାନେ ଛାତ୍ରୀ ଓ ଚାଳକଙ୍କଠୁ ସୂଚନା ପାଇ ଦେଓଗାଁ ଥାନାରେ ଅଭିଯୋଗ କରିଥିଲେ।

**ଗଉଡ଼ପାଲି ପେଟ୍ରୋଲ ପମ୍ପରେ ଡକାୟତି**

## ଭୁଜାଲି ଦେଖାଇ ଲୁଟିନେଲେ ୨୦ ହଜାର

**ପାଟଣାଗଡ଼, ୨୫।୬(ସମିସ):** ପାଟଣାଗଡ଼ ବ୍ଲକ ଲରମ୍ବା ଥାନା ଗଉଡ଼ପାଲି ପେଟ୍ରୋଲ ପମ୍ପରେ ନାଇଟ ୱାଚରକୁ ବିଳମ୍ବିତ ରାତ୍ରିରେ ଭୁଜାଲି ଦେଖାଇ ଦୁର୍ବୃତ୍ତମାନେ ୨୦ ହଜାର ଟଙ୍କା ଲୁଟିନେଇଥିବା ନେଇ ପମ୍ପର ମାଲିକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଛାନଭିନ ଜାରି ରଖିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଗତକାଲି ପାଖାପାଖି ରାତ୍ରି ସାଢ଼େ ୧୧ଟା ସମୟରେ ୩ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଏକ ବାଇକରେ ଆସି ପେଟ୍ରୋଲ ପମ୍ପ ସମ୍ମୁଖରେ ଛିଡ଼ା ହୋଇଥିଲେ। ହିନ୍ଦି ଭାଷାରେ କଥା ବାର୍ତ୍ତା କରୁଥିବା ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ନାଇଟ ୱାଚର ମଧୁ ନାଏକଙ୍କ ଛାତିରେ ଭୁଜାଲି ରଖି ତାକୁ କାବୁକରି ନେଇଥିଲେ। ଏପରିକି ମଧୁଙ୍କ ସହ ଶୋଇଥିବା ଆଉଜଣେ ବ୍ୟକ୍ତିକୁ ମଧ୍ୟ ଚିତ୍କାର କଲେ ମାରି ଦେବାର ଧମକ ଦେଇଥିଲେ। ପରେ ଅନ୍ୟ ୨ ଜଣ ଦୁର୍ବୃତ୍ତ ପେଟ୍ରୋଲ ପମ୍ପର ଗ୍ଲାସ ଭାଙ୍ଗି ପମ୍ପ ଗୃହ ଭିତରକୁ ପଶି ଡ୍ରୟର ଭିତରେ ରଖାଯାଇଥିବା ୨୦ ହଜାର ଟଙ୍କା ନେବାସହ ଭିତରେ ଥିବା କାଗଜପତ୍ରଗୁଡ଼ିକ ଫିଙ୍ଗି ଦେଇଥିଲେ। ଦୁର୍ବୃତ୍ତମାନେ ଯିବାପରେ ନାଇଟ ୱାଚର ଜଣକ ଗଉଡ଼ପାଲିର ପମ୍ପ କର୍ମଚାରୀ କାହ୍ନା ସିଂଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଖବର ପାଇ ପେଟ୍ରୋଲ ପମ୍ପର ମାଲିକ ପମ୍ପକୁ ଆସି ପୁଲିସକୁ ଖବର ଦେଇଥିଲେ।

## ଜିଲ୍ଲା ରେଳ ଉପଭୋକ୍ତା ସଂଘର ସାଧାରଣ ଅଧିବେଶନ

**ବଲାଙ୍ଗିର, ୨୫।୬(ସମିସ):** ସ୍ଥାନୀୟ ଟାଉନ ଉଚ୍ଚ ବାଳିକା ବିଦ୍ୟାଳୟରେ ବଲାଙ୍ଗିର ଜିଲ୍ଲା ରେଳ ଉପଭୋକ୍ତା ସଂଘର ସାଧାରଣ ସଭା ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଂଘର ସଭ୍ୟ ସ୍ୱର୍ଗତ ମାଲିଆ ଗଡୁଆଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଗଲା। ପରେ ସାଧାରଣ ସମ୍ପାଦକ ଦିବାକର ହୋତା ସମ୍ପାଦକୀୟ ବିବରଣୀ ପାଠ ଏବଂ କୋଷାଧ୍ୟକ୍ଷ ଅଶୋକ କୁମାର ଚାନ୍ଦ ଆୟ ବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଉକ୍ତ ଅଧିବେଶନରେ ଗୌ÷ର ପୁରୋହିତ, ଗୋପବନ୍ଧୁ ପୁରୋହିତ, ଶିବ ନାରାୟଣ ରଥ, ରତ୍ନରାଜ ସିଂହ, ପ୍ରଭାକର ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉକ୍ତ ଅଧିବେଶନରେ ୩୩ ଜଣ ନୁଆ ସଦସ୍ୟଙ୍କୁ ଗ୍ରହଣ କରାଯାଇଥିଲା। ଧର୍ମବ୍ରତ ରଥ ଓ ଓମ୍ ପ୍ରକାଶ ସାହୁ ସଭା ପରିଚାଳନାରେ ସାହାଯ୍ୟ କରିଥିଲେ। ନୂଆଦିଲ୍ଲୀ ଏବଂ ପ୍ରୟାଗରାଜକୁ ସିଧାସଳଖ ଟ୍ରେନ ଚଳାଚଳ ବଲାଙ୍ଗିରରୁ ଭୁବନେଶ୍ୱର ସକାଳୁଆ ଟ୍ରେନ ଚଳାଚଳ ବିଷୟରେ ରେଳ ବିଭାଗ ଦ୍ୱାରା ପଦକ୍ଷେପ ନିଆ ନ ଗଲେ ଭବିଷ୍ୟତରେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସ୍ଥିର ହୋଇଛି। ସୋନପୁର ଠାରେ ପିଆଇଟି ଲାଇନ କରିବା ପାଇଁ ଦାବିପତ୍ର ଦେବାକୁ ସ୍ଥିର କରାଯାଇଛି। ଅମୃତ ଭାରତ ଷ୍ଟେସନରେ ହେଉଥିବା କାମ ତ୍ୱରାନ୍ୱିତ କରିବା ପାଇଁ ଚାପ ପ୍ରୟୋଗ ତଥା ଅନ୍ୟାନ୍ୟ ବିଷୟରେ ସାଂସଦମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ସ୍ଥିର ହେଲା। ବର୍ତ୍ତମାନ ପାଇଁ ଷ୍ଟେସନ ପରିସର ୨ ଏବଂ ୩ ନଂ ପ୍ଲାଟର୍ଫମରେ ଶୌ÷ଚାଳୟ ଓ ସୁରକ୍ଷା ବ୍ୟବସ୍ଥା ପ୍ରଦାନ ପାଇଁ ଦାବି ହୋଇଛି। ସଭାପତିଙ୍କ ବିବରଣୀ ପରେ ସହ-ସମ୍ପାଦକ ହିତେଶ ସାହୁ ଧନ୍ୟବାଦ ଅର୍ପଣ କଲେ।

## ନବଜାତକ ଉଦ୍ଧାର ନେଇ ସିଡିପିଓ ଏବଂ ସିଡବ୍ଲୁସି ମଧ୍ୟରେ ବିବାଦ

**ବଲାଙ୍ଗିର, ୨୫।୬(ସମିସ):** ଶିଶୁମାନଙ୍କୁ ମୌଳିକ ଅଧିକାର ଯୋଗାଇ ଦେବା ସହିତ ସେମାନଙ୍କ ଉନ୍ନତି ପାଇଁ କାମ କରିବାକୁ ଦୁଇଟି ସଂସ୍ଥା ରହିଛନ୍ତି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ) ଏବଂ ଶିଶୁ ମଙ୍ଗଳ ସମିତି(ସିଡବ୍ଲୁସି)। ଶିଶୁମାନଙ୍କ ସୁରକ୍ଷା ପାଇଁ ଉଭୟେ ମିଳିତ ଭାବରେ କାମ କରିବା କଥା। କିନ୍ତୁ ବଲାଙ୍ଗିରରେ ଏହି ଦୁଇଟି ଅନୁଷ୍ଠାନ ମଧ୍ୟରେ ବର୍ତ୍ତମାନ ବିବାଦ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏହିକ୍ରମରେ ମଙ୍ଗଳବାର ଅପରାହ୍ଣରେ ସଡବ୍ଲୁସି ମେମ୍ବରମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଡିପିସିଓ ଲକ୍ଷ୍ମୀ ସିଂଙ୍କ ବିରୋଧରେ ଅଭିଯୋଗ ଆଣିଥିବା ଜଣାପଡ଼ିଛି।

## ଭୋଟରଙ୍କ ପାଖକୁ ଯାଇ ଧନ୍ୟବାଦ ଦେଲେ ନବ ନିର୍ବାଚିତ ବିଧାୟକ

**ତୁଷୁରା, ୨୫।୬(ସମିସ):** ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ବିଧାୟକ ଭାବେ ବିଜୟୀ ହେବା ପରେ ନବିନ ଜୈନ ମଙ୍ଗଳବାର ଗୁଡଭେଲା ବ୍ଲକ ୬ ନମ୍ବର ଜୋନର ସମସ୍ତ ପଞ୍ଚାୟତର ବିଭିନ୍ନ ଗାଁକୁ ଗସ୍ତକରି ସିଧାସଳଖ ଭୋଟରଙ୍କ ପାଖକୁ ଯାଇ ଧନ୍ୟବାଦ ଦେବା ସହ ବିଭିନ୍ନ ସମସ୍ୟା ବିଷୟରେ ବୁଝିବା ସହ ସମାଧାନ କରିବା ପାଇଁ ଆଲୋଚନା କରିଛନ୍ତି। ସେହିଭଳି ଧାନର ଏମଏସପି ୩୧୦୦କୁ ବୃଦ୍ଧି, ସୁଭଦ୍ରା ଯୋଜନା ଖୁବ ଶୀଘ୍ର ଲାଗୁ ହେବାସହ ଲୋକଙ୍କ ସହ ରହି ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଏହି ଗସ୍ତ ସମୟରେ ପ୍ରାୟ ଗାଁ ମାନଙ୍କରେ ପାନୀୟ ଜଳର ଘୋର ଅଭାବ ତଥା ବସୁଧା ଯୋଜନାରେ ପାଇବ ବିଛା ଯାଇ ଅଧା ବାଟରେ ପଡ଼ିଥିବାରୁ



ପାଣିର ଦେଖାନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ବିଧାୟକ ସମସ୍ତ ଅସୁବିଧା ଦୁର କରିବା ପାଇଁ ଭୋଟରଙ୍କୁ ୧୦୦ ଦିନର ସମୟ ମାଗିଥିଲେ। ଏହି ଗସ୍ତ ସମୟରେ ବିଧାୟକଙ୍କ ସହିତ ଟିଟିଲାଗଡ଼ର ସମାଜସେବୀ ବିରଞ୍ଚି ସାହୁ, ଜାମୁଟ ସମିତି ସଭ୍ୟ ଅଶୋକ ଦୋରା, ବ୍ଲକ ଉପାଧ୍ୟକ୍ଷ ଟୁକୁରାମ ପାଣିଗ୍ରାହୀ, ଲିସନ ପ୍ରଧାନ, ବବୁନ ପାଣ୍ଡିଆ, ଜଗଦୀଶ ପାଣ୍ଡିଆ, ଜିତେନ୍ଦ୍ର ମହାପାତ୍ର, ପ୍ରଦିପ ସାହୁ, ଛବଲୁ ପ୍ରଧାନ, କାହ୍ନା ପ୍ରଧାନ, ରୁଣୁଗୋପାଲ ସାହୁ, ମୁରାରି କେଡିଆଙ୍କ ସହିତ ଅନେକ ବିଜେପି କର୍ମୀମାନେ ଉପସ୍ଥିତ ଥିଲେ।

## ସଂଘବଦ୍ଧ ଆକ୍ରମଣ ଅଭିଯୋଗରେ ଜଣେ କୋର୍ଟ ଚାଲାଣ

**ପୁଇଁତଳା, ୨୫।୬(ସମିସ):** ଜଣଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ଅଭିଯୋଗରେ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି ପୁଇଁତଳା ପୁଲିସ। ଗିରଫ ଅଭିଯୁକ୍ତ ଜଣକ ଖଇରଭାଡ଼ି ଗ୍ରାମର ଅମିତ ଦାସ(୧୯) ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୧୯ ତାରିଖରେ ଖଇରଭାଡ଼ି ଗ୍ରାମର ରମେଶ ଦାସଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ନେଇ ପୁଇଁତଳା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ପୂର୍ବରୁ ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବାବେଳେ ସୋମବାର ରାତିରେ ଅମିତକୁ ଗିରଫ କରିଥିଲା। ମଙ୍ଗଳବାର ତାର ସ୍ୱାସ୍ଥ୍ୟ ପରୀକ୍ଷା କରି କୋର୍ଟଚାଲାଣ କରାଯାଇଛି।

## 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ



**ତୁଷୁରା, ୨୫।୬(ସମିସ):** ଗୁଡ଼ଭେଲା ବ୍ଲକ ମିଶନ ଶକ୍ତି ବିଭାଗ ତରଫରୁ ମଙ୍ଗଳବାର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଗୁଡ଼ଭେଲା ବ୍ଲକ ବିଡିଓ ସୌମ୍ୟକାନ୍ତ ବାଙ୍ଗୋଲା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଡିପିଓ ବାସନ୍ତୀ ଜାନୀ ଯୋଗଦେଇଥିଲେ। ମିଶନ ଶକ୍ତି ସଭାଗୃହରେ ସଭାକାର୍ଯ୍ୟ ସରିବା ପରେ ବିପିଏମ ତିର୍ଥବ ବାଗଙ୍କ ସହିତ ମିଶନ ଶକ୍ତି ମା' ମାନେ ଅଙ୍ଗନବାଡ଼ି ପରିଦର୍ଶିକାମାନେ ଏବଂ ଅତିଥିମାନେ ମିଶି ମିଶନ ଶକ୍ତି ଅଫିସ ପରିସରରେ ଥିବା ପଡ଼ିଆରେ ଗଛ ଲଗାଇଥିଲେ।

## ସ୍ୱଚ୍ଛତା ଓ ସଂଯମତା କାର୍ଯ୍ୟକ୍ରମ

**ବଲାଙ୍ଗିର, ୨୫।୬(ସମିସ):** ବଲାଙ୍ଗିର ସହର ଉପକଣ୍ଠସ୍ଥ ବିଷ୍ଣୁମୁଣ୍ଡା ଗ୍ରାମରେ ମାହେଶ୍ୱରୀ ସଂଗଠନ ତରଫରୁ ସ୍ୱଚ୍ଛତା ଓ ସଂଯମତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୌରାଧ୍ୟକ୍ଷା ଲିକା ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଭାରପ୍ରାପ୍ତ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ଚନ୍ଦ୍ର ମହାନ୍ତ ଉପସ୍ଥିତ ଥିଲେ। ମହିଳା ମାନେ ସ୍ୱଚ୍ଛତା ଓ ସଂଯମତା ରକ୍ଷା କଲେ ଏକ ସୁସ୍ଥ ଓ ସୁନ୍ଦର ଜୀବନଯାପନ କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଫା ଲୁଗା ପିନ୍ଧିବା, ସପ୍ତାହକ ଥରେ ନଖ କାଟିବା, ଖାଇବା ପୂର୍ବରୁ ହାତ ଧୋଇବା, ମାସିକ ଋତୁସ୍ରାବ ସମୟରେ ପିନ୍ଧୁଥିବା କପଡ଼ାକୁ ଗରମ ପାଣିରେ ସଫା କରିବା। ଏଭଳି ଅନେକ ସ୍ୱଚ୍ଛତାର ପଦକ୍ଷେପ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ମାହେଶ୍ୱରୀ ସଂଗଠନର କର୍ମକର୍ତ୍ତା, ବିଷ୍ଣୁମୁଣ୍ଡାର ଆଶା ଦିଦି ପ୍ରମୁଖ ସହଯୋଗ କରିଥିଲେ।

**ଅସୁରକ୍ଷିତ ଶିଶୁ ସୁରକ୍ଷା ୟୁନିଟ୍ କାର୍ଯ୍ୟାଳୟ**

# ବର୍ଷାଧିକ କାଳ ରାଜପଥ କଡ଼ରେ ଆଜବେଷ୍ଟସ୍ ଛପରରେ ଚାଲିଛି କାମ

**ବଲାଙ୍ଗିର, ୨୫।୬(ସମିସ)**

ରାଜପଥ କଡ଼ ଅସୁରକ୍ଷିତ ଆଜବେସ୍ଟ ଛପରରେ ଚାଲିଛି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କାର୍ଯ୍ୟାଳୟ। ବର୍ଷାଧିକକାଳ ଅସୁରକ୍ଷିତ ଭାବେ ଏହି କୋଠାରେ ଜିଲ୍ଲା କାର୍ଯ୍ୟାଳୟ ପରିଚାଳିତ ହେଉଥିବା ବେଳେ କେବଳ ଏହାର ପୁନରୁଦ୍ଧାର କାମ କରାଯାଉଥିବା ଦେଖିବାକୁ ମିଳିଛି। ବିଭିନ୍ନ କାମ ପାଇଁ ପ୍ରତିଦିନ ଏହି କାର୍ଯ୍ୟାଳୟକୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଲୋକେ ଶିଶୁମାନଙ୍କୁ ନେଇ ଆସୁଥିବା ବେଳେ ସେମାନଙ୍କ ବସିବା ପାଇଁ ଭଲ ସ୍ଥାନ ମଧ୍ୟ ନାହିଁ। ସେହିପରି କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ମଧ୍ୟ ଆବଶ୍ୟକତା ଅନୁସାରେ ସ୍ଥାନ ନ ଥିବା ଦେଖିବାକୁ ମିଳିଛି।

ଜିଲ୍ଲାରେ ଅବହେଳିତ, ନିଷ୍ପେସିତ, ନିର୍ଯାତିତ ଶିଶୁମାନଙ୍କ ସୁରକ୍ଷା ଦାୟିତ୍ୱ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟକୁ ଦିଆଯାଇଛି। ଏହି ୟୁନିଟ ଆରମ୍ଭ ହେବା ଦିନ ଠାରୁ ନିଜେ ଅବହେଳିତ ହୋଇରହିଥିବା ଅଭିଯୋଗ ହୋଇଛି। ବର୍ଷ ବର୍ଷ ହେଲା ଏହି ୟୁନିଟର କାର୍ଯ୍ୟାଳୟ ଏକ ପୁରୁଣା ଆଜବେସ୍ଟ ଛପରରେ ରାଜପଥ କଡ଼ରେ ଚାଲୁଛି। ପ୍ରତିଦିନ ଏହି କାର୍ଯ୍ୟାଳୟକୁ ବିଭିନ୍ନ ଶିଶୁ ସୁରକ୍ଷା ସମ୍ବନ୍ଧିତ କାର୍ଯ୍ୟ, ଆଶୀର୍ବାଦ ଯୋଜନା ସମ୍ବନ୍ଧିୟ କାର୍ଯ୍ୟ ସମେତ ଅନ୍ୟ ସବୁ କାମ ପାଇଁ ବହୁ ଅଭିଭାବକ ନିଜ ଶିଶୁମାନଙ୍କୁ ନେଇ ଆସିଥାନ୍ତି। ପ୍ରଥମରେ ସହରର ମୁଖ୍ୟ ଗହଳି ରାସ୍ତା କଚେରୀ ଛକ ନିକଟ ଟ୍ରାଫିକକୁ ଲାଗି ରହିଛି କାର୍ଯ୍ୟାଳୟ। ଫଳରେ ଏଠାକୁ ଆସୁଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଦୀର୍ଘ ବର୍ଷ ହେଲା ଏହି କାର୍ଯ୍ୟାଳୟ ଛପର କୋଠାରେ ଚାଲିଛି। ପୂର୍ବରୁ ଶିକ୍ଷା ବିଭାଗର ଏକ ପୁରୁଣା କାର୍ଯ୍ୟାଳୟ ପରିଚାଳିତ

**ପାର୍କିଂ, ହୋର୍ଡିଂ, ବସିବା ପାଇଁ ବି ନାହିଁ ସ୍ଥାନ**

ହେଉଥିବା କୋଠା ଭିତର ଉନ୍ନତିକରଣ କାମ କରି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟକୁ ହସ୍ତାନ୍ତର କରାଯାଇଥିଲା। ପରିସ୍ଥିତି ଏମିତି ଯେ ସେଠାରେ ବୋର୍ଡ ଲଗାଇବା ପାଇଁ ସ୍ଥାନ ନଥିବା ବେଳେ ଲୋକେ କାର୍ଯ୍ୟାଳୟକୁ ଖୋଜିବାରେ ହଇରାଣ ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। କାର୍ଯ୍ୟାଳୟ ଭିତରେ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଲୋକମାନଙ୍କ ବସିବା ପାଇଁ ଭଲ



ବ୍ୟବସ୍ଥା ହୋଇନାହିଁ। ଏପରିକି ଅଧିକାରୀମାନେ ବସିବା କିମ୍ବା ବିଭାଗୀୟ କୌଣସି ବୈଠକ କରିବା ପାଇଁ ମଧ୍ୟ ଭଲଭାବେ ସ୍ଥାନ ନାହିଁ। କିଛି କର୍ମଚାରୀ ବାହାର ହଲରେ କାର୍ଯ୍ୟ କରୁଥିବା ବେଳେ ଆଉ କିଛି କର୍ମଚାରୀଙ୍କ ବସିବା ପାଇଁ ସ୍ଥାନ ନଥିବା ମଧ୍ୟ ଦେଖିବାକୁ ମିଳିଛି। ବିଭିନ୍ନ ସମୟରେ ଏଠାକୁ ଝିଅ ଶିଶୁମାନଙ୍କୁ ମଧ୍ୟ ଅଣାଯାଇଥାଏ। ସେମାନଙ୍କ ପାଇଁ ମଧ୍ୟ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ କାର୍ଯ୍ୟାଳୟର ଏପରି ଅବସ୍ଥା ନିହାତି ଭାବେ ଦୁର୍ଭାଗ୍ୟଜନକ। ଜିଲ୍ଲାପାଳ ଅଫିସ ସାମ୍ନାରେ ଥିବା ଏହି କାର୍ଯ୍ୟାଳୟ ରହିଥିବା ସତ୍ତ୍ୱେ ଏହିଭଳି ଭାବେ ଅସୁରକ୍ଷିତ ଭାବେ ପରିଚାଳିତ ହେବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ବିଷୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂଙ୍କୁ ପଚାରିବାରୁ ଯାହା କିଛି ମିଳିଛି ସେଥିରେ ଆମେ ଆମର କାମ କରୁଛୁ। ଏଠାରେ କିଛି ସମସ୍ୟା ହେଉଛି କିନ୍ତୁ ଆମେ କଣ କରିପାରିବୁ ବୋଲି କହିବା ସହ ସମସ୍ୟା ଆଗରେ ନିଜର ଅସହାୟତା ପ୍ରକାଶ କରିଥିଲେ। ଏଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହିତ ଏହି ବିଭାଗକୁ ଏକ ସୁରକ୍ଷିତ କୋଠାକୁ ସ୍ଥାନାନ୍ତର କିମ୍ବା ନୂତନ ଭାବେ ଏହାର ନିର୍ମାଣ କରିବା ଦିଗରେ ପଦକ୍ଷେପ ନେବା ପାଇଁ ଦାବି ହୋଇଛି।

# ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ କରି ସମସ୍ୟା ଜଣାଇଲେ ଯୁବଗୋଷ୍ଠୀ



**ଭବାନୀପାଟଣା, ୨୫।୬(ସମିସ):** ରାଜ୍ୟ ସ୍କୁଲ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଏବଂ ପଛୁଆବର୍ଗ କଲ୍ୟାଣ, ସାମାଜିକ କଲ୍ୟାଣ ଓ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କଳାହାଣ୍ଡି ଜିଲ୍ଲା ଗସ୍ତ କରିଛନ୍ତି। ତାଙ୍କର ଏହି ଗସ୍ତ ଅବସରରେ ଭବାନୀପାଟଣା ସହରର ଯୁବଗୋଷ୍ଠୀ ତାଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେମାନେ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇ ଏହାର ସମାଧାନ ନିମନ୍ତେ ତାଙ୍କୁ ଅନୁରୋଧ କରିଥିଲେ। ଯୁବଗୋଷ୍ଠୀଙ୍କ ମଧ୍ୟରେ ବୀର କିଶୋର ସାମଲ, ସାଇ କୁମାର ସିଂହସାମନ୍ତ, ପ୍ରଭାତ ପାତ୍ର, ସତ୍ୟନାରାୟଣ ମହାପାତ୍ର, ଦୟାନିଧି ପ୍ରଧାନ ଓ ତପନ ସାହୁ ମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ସେମାନଙ୍କ ସହିତ ଉମରକୋଟର ବରିଷ୍ଠ ବିଜେପି କର୍ମୀ ସାଗର ପଟ୍ଟନାୟକ ଓ ବାଦଲ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭୋକ ଉପାସରେ ଦିନ କାଟୁଛନ୍ତି ଅସହାୟ ଦମ୍ପତି

**ସିନାପାଲି, ୨୫।୬ (ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଉପାନ୍ତ ଘାଟମାଳ ଗ୍ରାମପଞ୍ଚାୟତର ସୀମାନ୍ତରେ ଅବସ୍ଥିତ ଝୋଲାପଡ଼ା ଗାଁ। ଏହି ଗାଁଟି ବଣ ଜଙ୍ଗଲ ଘେରା ଅଞ୍ଚଳରେ ଅବସ୍ଥିତ ଥିବା ବେଳେ ଚିତାରମା ରାଜସ୍ୱ ଗ୍ରାମ ଅଧିନରେ ରହିଛି। ସିନାପାଲି ବ୍ଲକ ସଦର ମହକୁମାଠାରୁ ଦୀର୍ଘ ୩୦ କିଲୋମିଟର ଦୂରରେ ରହିଥିବା ବେଳେ ଆଜି ବି ଗାଁରେ ବିକାଶ ପହଞ୍ଚି ପାରିନାହିଁ। ଗରିବ ଅସହାୟ ଲୋକେ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଦୁଃସ୍ଥ ଜୀବନ ବିତାଉଛନ୍ତି। ଏହି ଗାଁର ଲଖମୁ ପହରିଆ (୭୫), ସ୍ତ୍ରୀ ସୁମିତ୍ରା ପହରିଆ (୭୨) ଓ ଦ୍ୱିତୀୟ ସ୍ତ୍ରୀ ପାହାନ୍ତି ପହରିଆ (୬୮) ବାସ କରୁଛନ୍ତି। ଏହି ୩ ଜଣିଆ ଦମ୍ପତି ସରକାରଙ୍କ କୌଣସି ଯୋଜନାରେ ସାମିଲ ହୋଇପାରି ନାହାନ୍ତି। ଏମାନେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ଆଜି ବି ଦୁର୍ଦ୍ଦିନରେ ଜୀବନ ଅତିବାହିତ କରୁଛନ୍ତି। ତାଙ୍କ ପାଖରେ ଜମିବାଡ଼ି ତ ନାହିଁ ଆଉ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ନାହିଁ। ଏପରିକି ଦିନକୁ ଦୁଇମୁଠା ଖାଇବାକୁ ତାଙ୍କ ଭାଗ୍ୟରେ ଜୁଟେନାହିଁ। ସତେ ଯେମିତି ତାଙ୍କ ପାଇଁ ସବୁ ଯୋଜନା ସ୍ୱପ୍ନ ହୋଇ ରହିଯାଇଛି। ଅତ୍ୟନ୍ତ ପରିତାପର ବିଷୟ ଯେ ତାଙ୍କ ପାଖରେ ଆଧାର କାର୍ଡ,



ଭୋଟର ପରିଚୟ ପତ୍ର, ରାସନ କାର୍ଡ ମଧ୍ୟ ନାହିଁ। ଯାହା ଫଳରେ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି।

ବୟସର ଅପରାହ୍ନରେ ପାଦ ଥାପିଥିବା ଉକ୍ତ ବୃଦ୍ଧବୃଦ୍ଧାଙ୍କ ଆଖିକୁ ମଧ୍ୟ ଭଲ ଦେଖା ଯାଉନାହିଁ। ଆଶା ବାଡିହିଁ ସେମାନଙ୍କ ସାହାରା ପାଲଟିଛି। ତଥାପି ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା ମିଳୁନାହିଁ। ଏମାନଙ୍କ ସାହା ଭରସା ପାଇଁ କେହି ନାହାନ୍ତି। ତାଙ୍କର ପିଲା ଛୁଆ ନ ଥିବା ବେଳେ ଆଗକୁ କିଭଳି ବଞ୍ଚିବେ ତାକୁ ନେଇ ସେମାନେ ଚିନ୍ତାଗ୍ରସ୍ତ ହୋଇ ପଡ଼ିଛନ୍ତି। ବର୍ତ୍ତମାନ ସ୍ୱାମୀ ଓ ଦୁଇ ସ୍ତ୍ରୀ ପରିଣତ ବୟସରେ ପହଞ୍ଚିଥିବା ବେଳେ ପାଖ ପଡୋଶୀଙ୍କ ଦୟାରେ ସେମାନେ ଯେନତେନ ଚଳୁଛନ୍ତି। ପଡୋଶୀଙ୍କ ପାଖକୁ ନଗଲେ ଉପବାସ ରହିବାକୁ ପଡ଼େ ବୋଲି ସେମାନେ କ୍ଷୋଭର ସହ କହିଛନ୍ତି। ଆମେ ଆଉ କେତେ ଦିନ ପଡୋଶୀଙ୍କୁ ମାଗିଜାଚି ଚଳିବୁ ବୋଲି ଓଲଟି ପ୍ରଶ୍ନ କରିଛନ୍ତି। ଆମକୁ ଦୟା କର ବାବୁ ବୋଲି କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି ସ୍ୱାମୀ ଓ ସ୍ତ୍ରୀ। ଖାଉଟି କାର୍ଡ ଓ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଗ୍ରାମର ୱାର୍ଡ ସଭ୍ୟଠାରୁ ଆରମ୍ଭ କରି ପ୍ରଶାସନିକ କର୍ମଚାରୀଙ୍କୁ ଅନେକ ଥର ହାରି ଗୁହାରି କରିଥିଲେ ମଧ୍ୟ କେହି ସେମାନଙ୍କ ଦୁଃଖ ଶୁଣିନାହାନ୍ତି ବୋଲି କୋହଭରା କଣ୍ଠରେ ଲଖମୁ କହିଛନ୍ତି। ଏବେ ଆଉ ଗୋଡ ହାତ ଚାଲୁନି କାହା ପାଖକୁ ଯିବୁ ଓ ଗୁହାରି କରିବୁ। ଜୀବନ ଥିବା ଯାଏଁ ପାଖ ପଡୋଶୀଙ୍କ ଦୟାରେ ବଞ୍ଚିବୁ ବୋଲି ଭାଗ୍ୟକୁ ନିନ୍ଦି ଏକ ଝାଟି ମାଟି କୁଡ଼ିଆରେ ପଡ଼ି ରହିଛନ୍ତି ଲଖମୁ ଓ ତାଙ୍କ ଦୁଇ ସ୍ତ୍ରୀ।

# ଜଙ୍ଗଲରୁ ୭୫ ଡ୍ରମ୍ ମହୁଲ ପୋଚ ଜବତ



**ଭବାନୀପାଟଣା/ନର୍ଲା, ୨୫।୬(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ଅନ୍ତର୍ଗତ ସାପଦୁହୁନି ଜଙ୍ଗଲରେ ଅବକାରୀ ବିଭାଗ ଚଢ଼ଉ କରି ୭୫ ଡ୍ରମ୍ ମହୁଲ ପୋଚ ଜବତ କରିଛି। ଉକ୍ତ ଜଙ୍ଗଲରେ ଦୀର୍ଘ ଦିନ ଧରି ଚୋରାରେ ମହୁଲି ପ୍ରସ୍ତୁତ ହେଉଥିଲା। ଭବାନୀପାଟଣା ଅବକାରୀ ଅଧିକାରୀ ଦେବାଶୀଷ ସିର୍ଦ୍ଦାରଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀମାନେ ସପଦୁହୁନି ଜଙ୍ଗଲରେ ଚଢ଼ାଉ କରିଥିଲେ। ଚଢ଼ଉ ସମୟରେ ଘଟଣାସ୍ଥଳରୁ ଚୋରା ମଦ କାରବାରରେ ସମ୍ପୃକ୍ତ କେତେକ ଲୋକ ଫେରାର ହୋଇଯାଇଛନ୍ତି। ସେଠାରେ ତଦନ୍ତ ବେଳେ ମାଟି ତଳେ ପୋତା ଯାଇଥିବା ୭୫ ଡ୍ରମ୍ ମହୁଲ ପୋଚ ଜବତ କରିଥିଲେ। ଚଢ଼ଉରେ ନର୍ଲା ଅବକାରୀ ଥାନା, ଭବାନୀପାଟଣା ରେଞ୍ଜ ଏବଂ ଭବାନୀପାଟଣା ସଦର ଅବକାରୀ ଟିମ୍ ସାମିଲ ଥିଲେ। ପ୍ରକାଶଥାଉକି କୋଭିଡ୍ ମହାମାରୀ ସମୟରେ ଚାରିଆଡ଼େ ଲାଇସେନ୍ସପ୍ରାପ୍ତ ଦେଶୀ ଓ ବିଦେଶୀ ମଦ ବନ୍ଦ ହେବାରୁ ଏହି ଜଙ୍ଗଲ ଭିତରେ ମଦ ମାଫିଆମାନେ ବେଆଇନ ଭାବେ ଚୋରାରେ ମଦ ତିଆରି କରି ଜିଲ୍ଲା ତଥା ଜିଲ୍ଲା ବାହାରକୁ ଚାଲାଣ କରୁଥିଲେ। ଏବେ ବି ସେହି ମଦ ବେପାରୀମାନେ ଉକ୍ତ ଜଙ୍ଗଲରେ ଦେଶୀ ମଦ ପ୍ରସ୍ତୁତ କରୁଛନ୍ତି। ଉକ୍ତ ମଦକୁ ଅଧିକ ନିଶାଯୁକ୍ତ କରିବା ପାଇଁ ସେଥିରେ ସ୍ପିରିଟ୍, ୟୁରିଆ, ସୋଲୁସନ, ବୋନ୍ ଫିକ୍ସ ପରି ବିଷାକ୍ତ ପଦାର୍ଥ ମିଶାଉଛନ୍ତି। କମ୍ ଖର୍ଚ୍ଚରେ ଅଧିକ ନିଶା ମିଳୁଥିବାରୁ ଏହି ମଦର ଚାହିଦା ମଧ୍ୟ ଅଧିକ ରହିଛି। ଏହି ଅଞ୍ଚଳରେ ଶତାଧିକ ଲୋକ ଏହି ବିଷାକ୍ତ ମଦ ପିଇ ମୃତ୍ୟୁବରଣ କରିଛନ୍ତି। କାହାର ଭେଣ୍ଡିଆ ପୁଅ ମରିଛି ତ ଆଉ କିଏ ଅକାଳରେ ବିଧବା ହୋଇଛି। ଗତ ପଞ୍ଚାୟତ ନିର୍ବାଚନ ସମୟରେ ନର୍ଲା ଅଞ୍ଚଳରେ ଏହାର ବହୁଳ ବ୍ୟବହାର ହେଉଥିବା ଦେଖାଯାଇଥିଲା।

**● ବିଜୁ ଏକ୍ସପ୍ରେସୱେରେ ବାଇକ୍ ଦୁର୍ଘଟଣା**

# ଜଣେ ମୃତ, ଅନ୍ୟ ଜଣେ ଗୁରୁତର

**କୋକସରା, ୨୫।୬(ସମିସ):** ବିଜୁ ଏକ୍ସପ୍ରେସୱେର କୋକସରା ବ୍ଲକ ଆମପାଣି ଥାନା ରଏନଗୁଡା ନିକଟରେ ମଙ୍ଗଳବାର ଭାରସାମ୍ୟ ହରାଇ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଧୋବେନଚଞ୍ଚରା ଗ୍ରାମର ଦୁର୍ଜନ ନାଗ ଓ ଗୁରୁତର ଜଣଙ୍କ ହେଉଛନ୍ତି ନବରତ୍ନ ନାଗ। ପ୍ରକାଶଥାଉକି ଦୁର୍ଜନ ଓ ନବରତ୍ନ ଏକ ବାଇକ୍ ଯୋଗେ ଚାଉଳ ଆଣିବା ପାଇଁ ରଏନଗୁଡା ଗ୍ରାମ ଅଭିମୁଖେ ଆସୁଥିଲେ। ବିଜୁ ଏକ୍ସପ୍ରେସ ୱେର ରଏନଗୁଡା ନିକଟରେ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ଆମପାଣି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଉଦବେଗଜନକ ଥିବାରୁ ଡାକ୍ତର ତାଙ୍କୁ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଦୁର୍ଜନ ପ୍ରାଣ ହରାଇଛନ୍ତି।

# ବ୍ଲକ୍‌ସ୍ତରୀୟ ୱାର୍ଡମେମ୍ବର ସଂଘ ଗଠିତ

**କର୍ଲାମୁଣ୍ଡା, ୨୫।୬(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ଶିବ ମନ୍ଦିର ପରିସରରେ ବ୍ଲକସ୍ତରୀୟ ୱାର୍ଡମେମ୍ବର ସଂଘ ଗଠିତ ହୋଇଛି। ଗୁରୁବାରୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଳାହାଣ୍ଡି ଜିଲ୍ଲା ୱାର୍ଡ ମେମ୍ବର ସଂଘ ସଭାପତି ମାର୍କଣ୍ଡ ବାଗ, ନର୍ଲା ବ୍ଲକ ଉପ ସଭାପତି ଗୋବର୍ଦ୍ଧନ ନାଗ, କର୍ଲାମୁଣ୍ଡା। ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସାମ୍ବାଦିକ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ୱାର୍ଡମେମ୍ବର ମାନେ ସଂଗଠିତ ହେଲେ ନିଜ ଦାବି ଗୁଡିକୁ ଠିକ ଭାବେ ଉପସ୍ଥାପନ କରିପାରିବେ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକସ୍ତରୀୟ ୱାର୍ଡମେମ୍ବର ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି

**■ ମାସିକ ୬ ହଜାର ଟଙ୍କା ଭତ୍ତା ଦାବି**

ଭାବେ ଦୈବସୂତ ସୁନା, ଉପ ସଭାପତି କଇଁତି ସାହୁ ଓ ଦେବରାଜ ଚୌଧୁରୀ, ସମ୍ପାଦକ ଚନ୍ଦ୍ର ଭାନୁ ସାହୁ, ସହ ସମ୍ପାଦକ ଲଭି ରଣା, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଦାସ ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ଶମ୍ଭୁପ୍ରସାଦ ରଣା, ସଂଯୋଜିକା ଧମେନ୍ଦ୍ରୀ ସାହୁ, ସଭ୍ୟ ଅଜୟ ନାଗ, ହେମ ସାଗର ସାହୁ, ଭାସ୍କର ସାହୁ, ହୀରବତୀ ସାହୁ ପ୍ରମୁଖ ସର୍ବ ସମ୍ମତି କ୍ରମେ ଚୟନ ହୋଇଛନ୍ତି। ବବୃବାହାନ ଭୋଇ ସଭା ସଂଯୋଜନା କରିଥିଲେ। ସଂଘ ପକ୍ଷରୁ ୱାର୍ଡ ସଭ୍ୟ/ସଭ୍ୟା ମାନଙ୍କୁ ମାସିକ ୬ ହଜାର ଟଙ୍କା ଭତ୍ତା, ଅବସର ପରେ ୩ ହଜାର ଟଙ୍କା ଭତ୍ତା ପ୍ରଦାନ, ୱାର୍ଡମେମ୍ବର ମାନଙ୍କୁ ଅଣଦେଖା କରାଯାଇ ପ୍ରସ୍ତୁତ ହୋଇଥିବା ଜିପିଡ଼ିପିକୁ ବାତିଲ କରିବା, ପଲ୍ଲୀସଭା କରିବା ପ୍ରମୁଖ ଦାବି ଗୁଡ଼ିକ ପୂରଣ ପାଇଁ ବିଡ଼ିଓଙ୍କ ଜରିଆରେ ଏକ ଦାବିପତ୍ର ଜିଲ୍ଲପାଳଙ୍କୁ ପ୍ରେରଣ କରଛନ୍ତି।

# ବିଜେପି କାର୍ଯ୍ୟାଳୟରେ କଳା ଦିବସ

**ନୂଆପଡ଼ା, ୨୫।୬(ସମିସ):** ନୂଆପଡ଼ା ଜିଲ୍ଲା ବିଜେପି କାର୍ଯ୍ୟାଳୟ ପରିସରରେ କଳା ଦିବସ ପାଳିତ ହୋଇଯାଇଅଛି। ୪୯ ବର୍ଷ ପୂର୍ବେ ୨୫ ଜୁନ ୧୯୭୫ ମସିହାରେ ତତ୍‌କାଳୀନ ଭାରତର ପ୍ରଧାନମନ୍ତ୍ରୀ ଜରୁରୀ ପରିସ୍ଥିତି ଲାଗୁ କରି ସମ୍ବିଧାନ ପ୍ରତି କୁଠାରଘାତ କରିଥିଲେ। ବିଶ୍ୱର ବୃହତ୍ ଗଣତନ୍ତ୍ର ରାଷ୍ଟ୍ରରେ ଏଭଳି ସମ୍ବିଧାନ ପ୍ରତି ହୋଇଥିବା ଅନ୍ୟାୟକୁ ନେଇ ଭାରତୀୟ ଜନତା ପାର୍ଟି ପକ୍ଷରୁ କଳା ଦିବସ ରୂପେ ପାଳନ କରୁଛି। ସଭାରେ ବିଜେପି ଜିଲ୍ଲା ସଭାପତି ସୁବ୍ରତ ଠାକୁର ଅଧକ୍ଷତା କରିଥିବା ବେଳେ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ଯୋଗ ଦେଇ କଳା ଶାସନର ଅନ୍ତ ଘଟିଛି। ବିକଶିତ ଆଡ଼କୁ ଭାରତ ଓ ଓଡ଼ିଶା ଅଗ୍ରସର ହେଉଛି ବୋଲି ସେ କହିଛନ୍ତି। ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ, ପ୍ରସନ୍ନ କୁମାର ପାଢ଼ୀ, ଜିଲ୍ଲା ସାଧାରଣ ସମ୍ପାଦକ କମଲେଶ ଦୀକ୍ଷିତ, ତୁଳସ ପଟେଲ, ଓବିସି ମୋର୍ଚ୍ଚା ଜିଲ୍ଲା ଓ ନୂଆପଡ଼ା ବିଧାନସଭା ପ୍ରଭାରୀ ଅଜିତ କିଶୋର ଚଲାନ, ଅଭିନନ୍ଦନ ପଣ୍ଡା ସମେତ ବହୁ କର୍ମୀ ଯୋଗ ଦେଇଥିଲେ।



# ଗେଡ଼ା ମାଡ଼ରେ ଗୁରୁତର ସୀତାରାମଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**ସିନାପାଲି, ୨୫।୬(ସମିସ):** ସିନାପାଲି ଥାନା ଅନ୍ତର୍ଗତ କାପସି ଗ୍ରାମରେ ଗତ ୧୬ ତାରିଖରେ ଗେଡ଼ା ମାଡରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ସୀତାରାମ ମାଝୀଙ୍କ ସୋମବାର ରାତିରେ ମୃତ୍ୟୁ ଘଟିଛି। ଗତ ୧୬ ତାରିଖରେ ସୀତାରମ ନିଜ ଗ୍ରାମ ବରଗଛ ଛକଠାରେ କିଛି ଲୋକଙ୍କ ସହ ବସି ଗପସପ କରୁଥିଲେ। କୌଣସି କଥାକୁ ନେଇ ଉତ୍ୟକ୍ତ ହୋଇ ଉକ୍ତ ଗ୍ରାମର ଟଙ୍କଧର ମାଝି ସୀତାରାମଙ୍କୁ ଏକ ଗେଡ଼ାରେ ଆକ୍ରମଣ କରିଥିଲେ। ଫଳରେ ସୀତାରାମ ତଳେ ପଡ଼ିଯାଇ ଗୁରୁତର ହୋଇଥିଲେ। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ତାଙ୍କ ଅବସ୍ଥା ଉଦବେଗଜନକ ହେବାରୁ ଉତ୍ତମ ଚିକିତ୍ସା ପାଇଁ ତାଙ୍କୁ ରାୟପୁରଠାରେ ଚିକିତ୍ସା କରାଯାଉଥିଲା। ଏ ସଂକ୍ରାନ୍ତରେ ପୂର୍ବରୁ ମୃତକଙ୍କ ପୁଅ ହେମନ୍ତ ମାଝିଙ୍କ ଅଭିଯୋଗ ଅନୁସାରେ ସିନାପାଲି ପୁଲିସ ଅଭିଯୁକ୍ତ ଟଙ୍କଧରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୀତାରାମଙ୍କ ମୃତ୍ୟୁ ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ନାମ ପରିବର୍ତ୍ତନ ପରେ ମଧ୍ୟ ବଦଳୁନି ସାଇନ୍‌ବୋର୍ଡ

**ଭବାନୀପାଟଣା, ୨୫।୬(ସମିସ):** କଳାହାଣ୍ଡି ବିଶ୍ୱବିଦ୍ୟାଳୟର ନାମ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭାବେ ପରିବର୍ତ୍ତନ ହେବାର ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ଏହାର ସାଇନ୍ସ ବ୍ଲକର ନାମ ବର୍ତ୍ତମାନ ପର୍ଯ୍ୟନ୍ତ ପରିବର୍ତ୍ତନ କରାଯାଇନାହିଁ। କଳାହାଣ୍ଡିର ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ନାମରେ ଏହି ମହାବିଦ୍ୟାଳୟ ନାମିତ କରାଯାଇଥିବା ବେଳେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣିଶୁଣି ନାମଫଳକ ପରିବର୍ତ୍ତନ କରୁ ନ ଥିବାରୁ କଳାହାଣ୍ଡି ଜନସାଧାରଣଙ୍କ ଭାବାବେଗ ପ୍ରତି ଆଘାତ ଦେଇଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ତୁରନ୍ତ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ସାଇନ୍ସ ବ୍ଲକର ନାମଫଳକ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟକୁ ପରିବର୍ତ୍ତନ କରିବାକୁ ଦାବି ହୋଇଛି।




# ସିନାପାଲିରେ ଜିଲ୍ଲାସ୍ତରୀୟ କ୍ରୀଡ଼ାଙ୍ଗନ ତାଲିମ ଶିବିର



**ସିନାପାଲି, ୨୫।୬(ସମିସ):** ସିନାପାଲି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ କ୍ରୀଡାଙ୍ଗନ ତାଲିମ ଶିବିରରେ ସିନାପାଲି ଏବଂ ବୋଡେନ ବ୍ଲକର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ, ଶିକ୍ଷୟିତ୍ରୀ ତଥା ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ତାଲିମ ଗ୍ରହଣ କରୁଛନ୍ତି। ତ୍ରିଦିବସୀୟ ଏହି ଶିବିରକୁ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର କୁମାର ସେଠ ଉଦଘାଟନ କରିଥିବା ବେଳେ ସମ୍ବଳ ଶିକ୍ଷକ ହିମାଂଶୁ ଶେଖର ମହନ୍ତ ଏବଂ ଭାସ୍କର କୁମାର ପାତ୍ର ଶିବିର ପରିଚାଳନା କରୁଛନ୍ତି। ଏହି ଅବସରରେ ସପୋର୍ଟ ଅଫିସର ବିକାଶ ମେହେର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେଶ କୁମାର ଦଣ୍ଡସେନା, ରାଜ୍ୟ ସମ୍ବଳ ଶିକ୍ଷକ ମହତାବ ଆଡକୁଆଡ଼ ଯୋଗ ଦେଇ ତାଲିମର ଗୁରୁତ୍ୱ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲଳିତ କୁମାର ସୁନାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବରରେ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରୁଛନ୍ତି।

# ଦଦରା କୁଡ଼ିଆରେ ବିତୁଛି ଶିଳାଙ୍କ ଜୀବନ

## ଆବାସ ଗୃହ ଯୋଗାଇବାକୁ ବିଡିଓଙ୍କ ନିକଟରେ ଦାବି

**କୋକସରା, ୨୫।୬(ସମିସ)**



ଆବାସ ଯୋଜନାରେ ଗୃହ ଯୋଗାଇ ଦେବାପାଇଁ କୋକସରା ବ୍ଲକ କାଉଡୋଲା ପଞ୍ଚାୟତ ଡଙ୍ଗରୀପଡ଼ାର ବିଧବା ମହିଳା ଶିଳା ସତନାମୀ ମଙ୍ଗଳବାର ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ଦୀର୍ଘ ବର୍ଷ ଧରି ଏକ ଦଦରା କୁଡିଆରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହି ଆସୁଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ସେ ବାରମ୍ବାର ଆବେଦନ ଓ ଗୁହାରି କରିବା ପରେ ମଧ୍ୟ କେହି ଶୁଣୁ ନଥିବା ସେ ଅଭିଯୋଗ କରିଛନ୍ତି।

ଡଙ୍ଗରୀପଡ଼ାର ବିଧବା ମହିଳା ଶିଳା ସତନାମୀ (୪୦) ଏବେ ଅସହାୟ ହୋଇପଡ଼ିଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ପୁଅ ବିକାଶ ସରାବୁକୁ ନେଇ ସେ ଏକ ଭଙ୍ଗା ଦଦରା ଘରେ ବିପଦପୂର୍ଣ୍ଣ ଅବସ୍ଥାରେ ରହି ଆସୁଛନ୍ତି। ଶିଳା ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ପକ୍କା ଘର ଖଣ୍ଡେ କରିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଅନେକ ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ପାଇବା ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ଅଫିସ ପର୍ଯ୍ୟନ୍ତ ଦୌଡି ଦୌଡି ନିରାଶ ହେଲେଣି। ଏମିତି କି ଅନେକ ଥର ଜିଲ୍ଲାପାଳ ଓ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିରରେ ଆବେଦନ କରିଥିଲେ ମଧ୍ୟ ଘର ଖଣ୍ଡେ ପାଇ ନାହାଁନ୍ତି। ବର୍ଷା ଦିନେ ଘରେ ପାଣି ପଶି ଯାଉଥିବାରୁ ପଡ଼ୋଶୀ ଘରେ ଆଶ୍ରୟ ନିଅନ୍ତି। ଘରର ଅବସ୍ଥା ବର୍ତ୍ତମାନ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ରାତିରେ ସାପ, ବେଙ୍ଗ ଓ ଅନେକ ସରୀସୃପ ଘରେ ପସି ଆସୁଥିବାରୁ ସେ ଓ ତାଙ୍କ ପୁଅ ଆତଙ୍କିତ ଅବସ୍ଥାରେ ରାତି କାଟୁଛନ୍ତି। ଅନ୍ୟପଟେ ତାଙ୍କ ନାଁ ଏସ୍‌ଇସିସି ତାଲିକାରେ ନ ଥିବା କାରଣରୁ ଘର ଖଣ୍ଡେ ପାଇବାରୁ ବାରମ୍ବାର ବଞ୍ଚିତ ହେଉଛନ୍ତି। ଏନେଇ ଶିଳା ବିଡ଼ିଓ ସେହ୍ନପ୍ରଭା ମାଝୀଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବାପାଇଁ ଗୁହାରି କରିଛନ୍ତି। ଅନ୍ୟପଟେ ବିଡିଓ କହିଛନ୍ତି ଯେ ପୁଣି ଥରେ ତାଲିକା ପ୍ରସ୍ତୁତ ହେବା ନେଇ ଚିଠି ଆସିଲେ ତାଙ୍କ ନାମ ତାଲିକାଭୁକ୍ତ କରାଯିବା। ବର୍ଷା ମାସ ପାଇଁ ସେ ଯଦି ରାଜି ହେବେ ତାଙ୍କର ଆଶ୍ରମରେ ରହିବା ବ୍ୟବସ୍ଥା କରାଯିବ। ବର୍ତ୍ତମାନ ତାଙ୍କ ପାଇଁ ପଲିଥିନର ବ୍ୟବସ୍ଥା କରାଯିବ ବୋଲି ବିଡ଼ିଓ କହିଛନ୍ତି।

# ବାଟବଣା ମୌସୁମୀକୁ ଖୋଜୁଛି ଚାଷୀ

**କେସିଙ୍ଗା, ୨୫।୬(ସମିସ):** ଜୁନ ମାସ ଶେଷ ସପ୍ତାହ ଆସିଲାଣି ବୁନ୍ଦାଏ ବର୍ଷା ପାଣି ପଡ଼ିନି କଳାହାଣ୍ଡି ଜିଲ୍ଲା କେସିଙ୍ଗା ଅଞ୍ଚଳରେ। ଅକ୍ଷୟତୃତୀୟା ଓ ଶୀତଳଷଷ୍ଠୀ ଯାଇ ଆଉ ଦିନ କେଇଟା ପରେ ରଥଯାତ୍ରା ହେବାକୁ

**● ଚାଷରେ ହୋଇପାରେ ବିଳମ୍ବ**

ବସିଛି। ବର୍ଷା ଅଭାବରୁ ଚାଷ କାର୍ଯ୍ୟ ବିଳମ୍ବ ହୋଇଛି। ଚାଷୀ ଭାଇ ଘରେ ବସି ଅପେକ୍ଷା କରିଛି ମୌସୁମୀକୁ। କିନ୍ତୁ ମୌସୁମୀ ସତେ ଯେମିତି ବାଟବଣା ହୋଇଯାଇଛି। ଚଳିତ ବର୍ଷ ସେମିତି ବି କମ ବର୍ଷା ହେବ ବୋଲି ଆଗରୁ ପାଣିପାଗ ବିଭାଗ ସୂଚନା ଦେଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଚାଷୀ ମାନେ ବିଲରେ ହଳ କରିନାହାନ୍ତି। ଗତ ଦୁଇ/ଚାରି ଦିନ ହେଲାଣି ପାଗ ମେଘୁଆ ରହୁଛି ହେଲେ ବର୍ଷା ହେଉନାହିଁ। ଚାଷୀକୁଳ ବିଳମ୍ବିତ ଚାଷ ନେଇ ଚିନ୍ତିତ ହୋଇପଡ଼ିଛନ୍ତି।

# ନ୍ୟାସନାଲ ହାଇସ୍କୁଲରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା



**ନୂଆପଡ଼ା, ୨୫।୬(ସମିସ):** ସ୍ଥାନୀୟ ନ୍ୟାସନାଲ ହାଇସ୍କୁଲ ପରିସରରେ ଅନ୍ତର୍ଜାତୀୟ ମାଦକ ଦ୍ରବ୍ୟ ନିରାକରଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ସ୍ଥାନୀୟ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟରେ ଡ଼ିଏସଏସଓ ନୂଆପଡ଼ାଙ୍କ ପ୍ରଯୋଜନାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ୬ଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଓ ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ଚିତ୍ରାଙ୍କନ, ପ୍ରବନ୍ଧ, ରଚନା ଓ ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ଶିକ୍ଷା ବିଭାଗର ଜିଲ୍ଲା ସଂଯୋଜକ କମଲ କୁମ୍ଭାର ଓ ବିଚାରକ ଭାବେ ପ୍ରବୋଧ ହୋତା, ବିଜୟ ସାହୁ, କିଶୋର ପ୍ରଧାନ, ଭବତୋଷ ଦାଶ, ହେମା ବର୍ମା, ପ୍ରୀତିପୁଷ୍ପା ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିକ୍ଷାର୍ଥୀମାନଙ୍କୁ ମାଦକ ଦ୍ରବ୍ୟ ନିରାକରଣ ବିଷୟରେ ସଚେତନ କରାଇବା। ଛାତ୍ର ଛାତ୍ରୀମାନେ ନିଜ ନିଜର ମତ ପ୍ରକାଶ କରି କହିଥିଲେ ଯେ ଯୁବଗୋଷ୍ଠୀ ନିଜର ଭୂମିକା ସଠିକ ଢ଼ଙ୍ଗରେ ନିର୍ବାହ କଲେ ନିଶା ନିବାରଣ ନିଶ୍ଚୟ ସମ୍ଭବ ହେବ। ତେବେ ଏଥି ପାଇଁ ସାମାଜିକ ସହଯୋଗ ମଧ୍ୟ ଅତି ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଥିଲେ।

# ୨୦୨୩ରେ ପୁଞ୍ଜି ନିବେଶ ପାଇଁ ଦେଶରେ ଓଡ଼ିଶା ଏକ ନମ୍ବର

- ଦେଶକୁ ୫.୧୦ ଲକ୍ଷ କୋଟିରୁ କେବଳ ଓଡ଼ିଶାକୁ ୨.୧୧ ଲକ୍ଷ କୋଟି
- ସାରା ଦେଶରେ ନିବେଶ ପ୍ରସ୍ତାବ ମଧ୍ୟରୁ ରାଜ୍ୟକୁ ମିଳିଛି ୪୦ ପ୍ରତିଶତ
- ଆନନ୍ଦ ପ୍ରକାଶ ସହ ସାମାଜିକ ଗଣମାଧ୍ୟମରେ ଟ୍ୱିଟ୍ କଲେ ନବୀନ

**ଭୁବନେଶ୍ୱର,୨୫।୬(ସମିସ):** କେବଳ ଶିଳ୍ପ ଅଭିବୃଦ୍ଧି ନୁହେଁ, ନିବେଶ କ୍ଷେତ୍ରରେ ମଧ୍ୟ ଓଡ଼ିଶା ସାରା ଦେଶରେ ଏକ ନମ୍ବର ସ୍ଥାନ ଦଖଲ କରିଛି। ୨୦୨୩ ମସିହାରେ ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ପ୍ରଥମସ୍ଥାନ ଅଧିକାର କରିଛି। ୨୦୨୩ ବର୍ଷରେ ସାରା ଦେଶର ବିଭିନ୍ନ ରାଜ୍ୟକୁ ୫ ଲକ୍ଷ ୧୦ ହଜାର ୮୫୨ କୋଟି ନିବେଶ ପ୍ରସ୍ତାବ ଆସିଥିବା ବେଳେ ଏଥିରୁ ଓଡ଼ିଶାକୁ ସର୍ବାଧିକ ୨ ଲକ୍ଷ ୧୦ ହଜାର ୮୩୭ କୋଟି ଟଙ୍କାର ପ୍ରସ୍ତାବ ମିଳିଛି। ଯାହା ମୋଟ ନିବେଶ ପ୍ରସ୍ତାବର ପ୍ରାୟ ୪୦%। ଯାହା ମୋଟ ପୁଞ୍ଜିନିବେଶ ପ୍ରସ୍ତାବ ହାସଲ କ୍ଷେତ୍ରରେ ସିଂହଭାଗ ହୋଇଥିବା ବେଳେ ଅନ୍ୟ ରାଜ୍ୟମାନେ ଏହାଠାରୁ ବହୁ ପଛରେ ରହିଥିବା ନ୍ୟୁଜ୍ ବଜ୍ ରିପୋର୍ଟରେ ପ୍ରକାଶ ପାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ରିପୋର୍ଟକୁ ନେଇ ଆନନ୍ଦ ପ୍ରକାଶ କରିଛନ୍ତି। ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ 'ଏକ୍ସ'ରେ ନବୀନ ଟ୍ୱିଟ୍ କରି କହିଛନ୍ତି ଯେ ସାରା ଦେଶର ଅଗ୍ରଣୀ ରାଜ୍ୟମାନଙ୍କ ମଧ୍ୟରେ ପୁଞ୍ଜି ନିବେଶ ପ୍ରସ୍ତାବ (୨୦୨୩ ମସିହା) କ୍ଷେତ୍ରରେ ଓଡ଼ିଶା ଶ୍ରେଷ୍ଠ ସ୍ଥାନ ହାସଲ କରିବା ଗୌରବର ବିଷୟ। ନିବେଶକମାନେ ଅଭିବୃଦ୍ଧିର ସମ୍ଭାବନାକୁ ଆହୁରି ବ୍ୟାପକ କରି ପୁଞ୍ଜି ନିବେଶର ଏକ ପ୍ରମୁଖ କେନ୍ଦ୍ର ଭାବେ ଓଡ଼ିଶା ଉପରେ ନିରନ୍ତର ବିଶ୍ୱାସ ରଖି ଆସିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଏବଂ ସମ୍ମାନ ଜଣାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି।

ନ୍ୟୁଜ୍ ବଜ୍ ରିପୋର୍ଟ ଅନୁଯାୟୀ ଓଡ଼ିଶା ପରେ ନିବେଶ କ୍ଷେତ୍ରରେ ଗୁଜରାଟ ଦ୍ୱିତୀୟ ସ୍ଥାନରେ ରହିଛି ଏବଂ ସାରା ଦେଶର ମୋଟ ନିବେଶ ପ୍ରସ୍ତାବର ୧୨% ଗୁଜରାଟ ଭାଗରେ ପଡ଼ିଛି। ଏହି ରାଜ୍ୟକୁ ୨୦୨୩ରେ ମୋଟ ୬୨୫୩୫ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ମିଳିଛି। ସେହିପରି ତୃତୀୟ ସ୍ଥାନରେ ଥିବା ମହାରାଷ୍ଟ୍ରକୁ ୫୯୫୫୧ କୋଟି ଟଙ୍କାର ପ୍ରସ୍ତାବ ମିଳିଥିବା ବେଳେ ମଧ୍ୟପ୍ରଦେଶକୁ ୨୨୧୬୩ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି। ଅନୁରୂପ ଭାବରେ ୨୦୨୩ରେ ତେଲେଙ୍ଗାନାକୁ ୧୩୨୪୨ କୋଟି, ଆନ୍ଧ୍ରପ୍ରଦେଶକୁ ୧୨୨୩୮ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପ୍ରାପ୍ତ ହୋଇଛି।

ସୂଚନାଯୋଗ୍ୟ ଯେ ୨୦୨୩ ମସିହାରେ ନିବେଶ ସଂକ୍ରାନ୍ତ ମୋଟ ୧୨୬୭ଟି ଇଣ୍ଡଷ୍ଟ୍ରିଆଲ ଏଣ୍ଟ୍ରିପ୍ରିନର ମେମୋରେଣ୍ଡମ୍ସ(ଆଇଇଏମଏସ) ଦାଖଲ ହୋଇଥିବା ବେଳେ ଏଥିରୁ ଅଧିକାଂଶ ଓଡ଼ିଶା ପାଇଁ ଥିଲା। ସେହିପରି ୨୦୨୩ ମସିହା ଡିସେମ୍ବର ମାସରେ ଦେଶକୁ ମୋଟ ୧୨୨୭୪ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଥିବା ବେଳେ ଓଡ଼ିଶାକୁ ଏଥିରୁ ସର୍ବାଧିକ ୪୦% ପ୍ରତିଶତ ଅର୍ଥାତ୍ ୫୦୮୧ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଥିବା ଜଣାପଡ଼ିଛି।

■ ମାୟାଧର ହତ୍ୟା ମାମଲା

# ୪ ହତ୍ୟାକାରୀଙ୍କୁ ଆଜୀବନ

**ଢେଙ୍କାନାଳ, ୨୫।୬ (ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଅନ୍ତର୍ଗତ ବରଦାପାଟଣା ଗ୍ରାମରେ ୨୦୧୭ ମସିହାରେ ଘଟିଥିବା ଏକ ହତ୍ୟା ମାମଲାର ଆଜି ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଣତି ସାହା ଏହି ମାମଲାର ବିଚାର କରି ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ସେମାନେ ହେଲେ, ବରଦାପାଟଣା ଗ୍ରାମର ଲଳିତ ଦାସ, ରଞ୍ଜନ କୁମାର ବେହେରା, ମଙ୍ଗରାଜ ବେହେରା ଓ ଅମ୍ବୁଜ ଦାଶ। ରାଜନୈତିକ ଶତ୍ରୁତା କାରଣରୁ ଏମାନେ ଗାଁର ମାୟାଧର ପ୍ରଧାନଙ୍କୁ ହତ୍ୟା କରିଥିଲେ।

ସୂଚନାନୁଯାୟୀ, ଉକ୍ତ ଦିନ ଗଁଦିଆ ଥାନା ବରଦାପାଟଣା ଗ୍ରାମର ମାୟାଧର ପ୍ରଧାନ ଓ ବିଚିତ୍ର ପ୍ରଧାନ ଏକ ବାଇକ୍ ଯୋଗେ ଗ୍ରାମରୁ ଆସୁଥିବା ବେଳେ କୃଷିଦା ବସଷ୍ଟାଣ୍ଡ ଛକରେ ଏହି ଅଭିଯୁକ୍ତମାନେ ମାୟାଧରଙ୍କୁ ଅଟକାଇ ସଙ୍ଘବଦ୍ଧ ଭାବେ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଗୁରୁତର ମାୟାଧରଙ୍କୁ ପ୍ରଥମେ ବରପଦା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ବିଗିଡ଼ିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମାୟାଧରଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଗଁଦିଆ ପୁଲିସ୍ ନମ୍ବର ୩୮/୧୭ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସରକାରୀ ଓକିଲ ଅକ୍ଷୟ କୁମାର ଭୋଇ ମାମଲା ପରିଚାଳନା କରିଥିଲେ।

**LOST**

By virtue of an affidavit ,I Bijay Kumar Deo, aged about 38 years, S/o. Ram Chandra Deo, At/Po-Pustapur, PS-Kodala, Dist-Ganjam do hereby solemnly affirm and state that, the property stands recorded in the name of Bijay Kumar Deo, S/o. Ram Chandra Deo under Mouza – Postapur, ROR (Patta) No. 401/544, Plot No. 1902, Area 070 Decimals, I buy this property from Sugyani Kumar Deo before in 6 months Khalikote SRO Office the sale deed No. 10662302791/2023 which are kept in my bag. That, the Date ROR (Patta) has been missing in some where else in the area of Khalikote Tahasil to Postopur Road on dtd. 25.05.2024 at about 6PM and inspite of my thorough search it could not be traced out. If found by anybody kindly contact in the above address.

**LOST**

By virtue of an affidavit, I Tapan Biswal, aged about 60 yrs, S/o. Late Anath Biswal , At-Chatol, PO-Baniasahi, PS-Ramachandi, Dist-Puri, do hereby solemnly affirm and state that, the property stands recorded in the name of Tapan Biswal, S/o. Late Anath Biswal, under Mouza – Chatol, Khata No. 169/10, Area Ac 0.06 decimals. That, the said ROR (Patta) which was kept in my bag has been missed in somewhere else i.e. in the area of Chatol to Chhaitana Market on dtd. 10.06.2024 at about 6 PM and inspite of my thorough search it could not be traced out. If found by anybody kindly contact in the above address.

**AFFIDAVIT**

I, Aswini Kumar Parija, S/o-Late Sridhar Parija, resident of Flat No. D/202, Prestige Residency, Mahadev Nagar, Jharpada, PS: Laxmisagar, Bhubaneswar, Pin-751006, Dist-Khordha, Odisha, declare by this affidavit No.375, Dt.24/06/2024 that now onwards I shall be known as **ASWINI PARIJA** for all future purposes.

ହିଣ୍ଡାଲକୋ ପକ୍ଷରୁ କର୍ମଶାଳା

# ବିନିର୍ମାଣ ନିମନ୍ତେ ଓଡ଼ିଶା ଏକ ବୈଶ୍ୱିକ ପେଣ୍ଠସ୍ଥଳ

**ଭୁବନେଶ୍ୱର,୨୫।୬(ସମିସ):** ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଏକ ଫ୍ଲାଗସିପ୍ କମ୍ପାନୀ ହିଣ୍ଡାଲ୍‌କୋ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ (ୟୁସିସିଆଇଏଲ୍) ସମ୍ମିଳନୀ କକ୍ଷରେ କନଫେଡେରେସନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ଏବଂ ୟୁସିସିଆଇଏଲ୍ ସହଯୋଗିତାରେ ଏକ ଗୁରୁତ୍ୱପୂର୍ଣ୍ଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ 'ଡାଉନଷ୍ଟ୍ରିମ୍ ଆଲୁମିନିୟମ ଶିଳ୍ପରେ ଏମଏସ୍ଏମ୍ଇ ପାଇଁ ବିନିର୍ମାଣ ସୁଯୋଗ' ଉପରେ ଦୃଷ୍ଟି ନିବଦ୍ଧ କରାଯାଇଥିବା ବେଳେ ଆଲୁମିନିୟମ୍ ବିନିର୍ମାଣ ନିମନ୍ତେ ଏକ ବୈଶ୍ୱିକ ପେଣ୍ଠସ୍ଥଳ ଭାବରେ ଓଡ଼ିଶାର ବର୍ଦ୍ଧିତ ପ୍ରାଧାନ୍ୟ ଉପରେ ଆଲୋକପାତ କରାଯାଇଥିଲା। ଏହି କର୍ମଶାଳାରେ ଉଦ୍‌ଘାଟନୀ ଭାଷଣ ଦେଇ ଏସାର ମିନେଟ୍ ଲିମିଟେଡ ସିଇଓ ଶଶି ଶେଖର ମହାନ୍ତି ଆଲୁମିନିୟମ ଶିଳ୍ପର ମୂଲ୍ୟ ଶୃଙ୍ଖଳରେ ଏମଏସ୍ଏମ୍‌ଇଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଜୋର୍ ଦେଇଥିଲେ। ବିଷୟବସ୍ତୁ ଉପରେ ଆଲୋଚନା କରି ହିଣ୍ଡାଲକୋ ଆଡଭାଇଜର୍ ବିଜ୍ଞୁ ମିଶ୍ର ଓଡ଼ିଶାରେ କମ୍ପାନୀର ଉଲ୍ଲେଖନୀୟ ଉପସ୍ଥିତି ଏବଂ ବିବିଧ ଶିଳ୍ପ ଉପରେ ତାହାର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ହିଣ୍ଡାଲକୋର ଯୁଗ୍ମ ସଭାପତି ସାଗର ଧମୋରିକର୍ ଆଲୁମିନିୟମ୍‌ର ଅନନ୍ୟ ଗୁଣବତ୍ତା ଏବଂ ତାହାର ବହୁବିଧ ବ୍ୟବହାରିତା ସମ୍ପର୍କରେ କହିଥିଲେ। ଏଥିରେ ଏସ୍ଏନ୍ଏମ୍ ଗ୍ରୁପ୍ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ଆଇଆଇଏମ୍‌ଟି ଡାଇରେକ୍ଟର ଡ. ରାମାନୁଜ ନାରାୟଣ ଏବଂ ୟୁସିସିଆଇଏଲ ଉପସଭାପତି ସଞ୍ଜୀବ ମହାପାତ୍ରଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।



## ଅବଶିଷ୍ଟାଂଶ...

### ଏନ୍‌ଡିଏ-ଇଣ୍ଡିଆ...

ଥିଲା। ଫଳରେ ଏନ୍‌ଡ଼ିଏ ପ୍ରାର୍ଥୀଙ୍କ ବିରୋଧରେ କେ. ସୁରେଶଙ୍କୁ ପ୍ରାର୍ଥୀ କରାଯାଇଥିବା ଇଣ୍ଡି ମେଣ୍ଟ ଘୋଷଣା କରିଥିଲା। ପୂର୍ବରୁ ବିରୋଧୀ ଇଂଡ଼ିଆ ମେଣ୍ଟ ଲୋକସଭାରେ ଉପବାଚସ୍ପତି ପଦ ନିମନ୍ତେ ଦାବି ରଖିଥିଲା ଏବଂ ଏଥିରେ ସମ୍ମତ ନ ହେଲେ ବାଚସ୍ପତି ନିର୍ବାଚନରେ ବିରୋଧୀମାନେ ପ୍ରାର୍ଥୀ ଦେବାକୁ ଘୋଷଣା କରିଥିଲେ।

ଅଷ୍ଟାଦଶ ଲୋକସଭାର ସ୍ୱତନ୍ତ୍ର ଅଧିବେଶନରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବ୍ୟତୀତ ସାଂସଦମାନଙ୍କ ଶପଥ ପାଠ ଏବଂ ବାଚସ୍ପତି ନିର୍ବାଚନ କାର୍ଯ୍ୟକ୍ରମ ପ୍ରମୁଖ କାର୍ଯ୍ୟ ରହିଛି। ତେବେ ଅଧିବେଶନର ପ୍ରଥମ ଦିନରୁ ବିରୋଧୀ ଇଣ୍ଡିଆ ମେଣ୍ଟ ଶାସକ ଏନଡିଏ ବିରୋଧରେ ଯେଭଳି ଆଭିମୁଖ୍ୟ ଗ୍ରହଣ କରିଛି ତାହାର ପ୍ରତିଫଳନ ବାଚସ୍ପତି ଚୟନ ଦିଗରେ ମଧ୍ୟ ଅନୁଭୂତ ହୋଇଛି। ଗତକାଲି କାମଚଳା ବାଚସ୍ପତିଙ୍କ ନିଯୁକ୍ତିକୁ ନେଇ ବିରୋଧୀ ଦଳ ହଙ୍ଗାମା କରିବା ପରେ ଏବେ ବାଚସ୍ପତି ଚୟନ ନେଇ ମଧ୍ୟ ସମାନ ଆଭିମୁଖ୍ୟ ଗ୍ରହଣ କରିଛି। ଚଳିତ ନିର୍ବାଚନରେ କଂଗ୍ରେସ ଏବଂ ଏହାର ସହଯୋଗୀ ଦଳଙ୍କୁ ବିପୁଳ ସମର୍ଥନ ମିଳିଥିବାରୁ ସଂସଦରେ ବିରୋଧୀ ମେଣ୍ଟ ଶକ୍ତି ପ୍ରଦର୍ଶନ କରିବାକୁ ପ୍ରସ୍ତୁତି ନେଇଛି। ଏହିକ୍ରମରେ ବାଚସ୍ପତି ଚୟନ ପାଇଁ ଯଦି ନିର୍ବାଚନ ହୁଏ ତେବେ ପ୍ରକୃତରେ କେଉଁ ମେଣ୍ଟ ପ୍ରତି କେଉଁ ଦଳର ସଦସ୍ୟଙ୍କ ସମର୍ଥନ କେତେ ତାହା ସ୍ପଷ୍ଟ ହେବା ସହିତ ସ୍ୱାଧୀନ ସାଂସଦଙ୍କ ସମର୍ଥନ ମଧ୍ୟ କାହା ପାଇଁ କେତେ ତାହା ସ୍ପଷ୍ଟ ହୋଇଯିବ। ଯାହାକୁ ନେଇ ବିରୋଧୀ ମେଣ୍ଟ ସଂସଦରେ ନିଜର ସ୍ଥିତି ନିର୍ଦ୍ଧାରଣ କରିବା ସହିତ ଶାସକ ଦଳ ବିରୋଧରେ ନିଜର ରଣନୀତି ପ୍ରସ୍ତୁତ କରିବ ବୋଲି କୁହାଯାଉଛି। ଓମ୍ ବିର୍ଲା ରାଜସ୍ଥାନର କୋଟା ସଂସଦୀୟ କ୍ଷେତ୍ରରୁ ତିନି ଥର ନିର୍ବାଚିତ ହୋଇଛନ୍ତି। ଅପରପକ୍ଷେ କେ ସୁରେଶ କେରଳର ମାଭେଲିକାରା ସଂସଦୀୟ କ୍ଷେତ୍ରରୁ ସର୍ବାଧିକ ୮ଥର ନିର୍ବାଚିତ ହେବା ସହିତ ଦୀର୍ଘକାଳୀନ ସାଂସଦ ହେବାର ଗୌରବ ଅର୍ଜନ କରିଛନ୍ତି। ଅଷ୍ଟାଦଶ ଲୋକସଭାରେ ଶାସକ ଏନଡିଏ ଦଳର ସର୍ବାଧିକ ୨୯୩ ସାଂସଦ ରହିଥିବା ବେଳେ ବିରୋଧୀ ମେଣ୍ଟ ନିକଟରେ ୨୩୨ ସାଂସଦ ରହିଛନ୍ତି। ବାଚସ୍ପତି ପଦବୀ ପାଇଁ ନିର୍ବାଚନ ହେଲେ ସଂଖ୍ୟା ଦୃଷ୍ଟିରୁ ଏନଡିଏ ମେଣ୍ଟ ବିଜୟୀ ହେବା ଏକପ୍ରକାର ନିଶ୍ଚିତ। ତଥାପି ସଂସଦରେ ଶାସକ ମେଣ୍ଟକୁ ମାତ୍ ଦେବା ଉଦ୍ଦେଶ୍ୟରେ ଇଣ୍ଡିଆ ମେଣ୍ଟ ନିର୍ବାଚନ ମୋଡ୍‌କୁ ଓହ୍ଲାଇଛି। ଶାସକ ଦଳର ପ୍ରାର୍ଥୀ ବାଚସ୍ପତି ହେଲେ ଉପ ବାଚସ୍ପତି ପଦବୀ ପାଇଁ ବିରୋଧୀ ମେଣ୍ଟ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବା ସଂସଦୀୟ ପରମ୍ପରା ରହି ଆସିଛି। ୟୁପିଏ ସରକାର ସମୟରେ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ବାଚସ୍ପତି କରାଯାଇଥିଲା ବେଳେ ଏନଡିଏ ଦଳର ପ୍ରାର୍ଥୀଙ୍କୁ ଉପ ବାଚସ୍ପତି କରାଯାଇଥିଲା। ଏହିକ୍ରମରେ ଚଳିତ ଲୋକସଭାରେ ବିରୋଧୀ ଦଳର ପ୍ରାର୍ଥୀଙ୍କୁ ଉପ ବାଚସ୍ପତି କରିବାକୁ ଇଣ୍ଡିଆ ମେଣ୍ଟ ଦାବି କରିଥିଲା। କିନ୍ତୁ ଏହାକୁ ନେଇ ଶାସକ ମେଣ୍ଟ ପକ୍ଷରୁ କୌଣସି ସଙ୍କେତ ନ ଦିଆଯିବାରୁ ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ ହିଁ ବାଚସ୍ପତି ଚୟନ ହେବା ଦରକାର ବୋଲି ବିରୋଧୀ ମେଣ୍ଟ ଅଡି ବସିଛି।

### ନବଯୌବନ ଦର୍ଶନ...

ଶେଷଥର ୧୯୭୧ ମସିହାରେ ଏଭଳି ରଥଯାତ୍ରା ପଡ଼ିଥିଲା। ତେଣୁ ୧୯୭୧ମସିହାରେ ଯେଉଁଭଳି ନୀତିକାନ୍ତି ହୋଇଥିଲା, ଚଳିତବର୍ଷ ସେହିଭଳି ନୀତିକାନ୍ତି କରାଯିବା ଲାଗି ଛତିଶା ନିଯୋଗରେ ନିଷ୍ପତ୍ତି ପରେ ଏଥିରେ ମୋହର ଲଗାଇଛି ପରିଚାଳନା କମିଟି।

ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ପ୍ରାୟ ପ୍ରତିବର୍ଷ ଅଣସର ସରିବା ପରେ ନେତ୍ରୋତ୍ସବ ଏବଂ ନବଯୌବନ ଦର୍ଶନ ପଡ଼ିଥାଏ। ଭକ୍ତମାନେ ଚତୁର୍ଦ୍ଧା ବିଗ୍ରହଙ୍କ ନୂଆରୂପ ଦର୍ଶନ କରିଥା'ନ୍ତି। ହେଲେ ଏବର୍ଷ ନବଯୌବନ ଦର୍ଶନ କରିପାରିବେ ନାହିଁ ଶ୍ରଦ୍ଧାଳୁ। କେବଳ ସେବାୟତ ଓ ତାଙ୍କ ପରିବାରବର୍ଗ ସୀମିତ ସମୟ ପାଇଁ ଏହି ଦର୍ଶନରେ ସାମିଲ ହେବେ। ସେହିପରି ଠାକୁରଙ୍କ ପହଣ୍ଡି ଦର୍ଶନ କରିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି ଅନେକ ଶ୍ରଦ୍ଧାଳୁ। ସେଥିଲାଗି ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ା ପହଣ୍ଡି ପାଇଁ ଟିକଟ ଦର୍ଶନ ବ୍ୟବସ୍ଥା କରାଯାଇଥାଏ। ଯେଉଁମାନେ ଟିକଟ କାଟିଥା'ନ୍ତି, ସେମାନେ ମନ୍ଦିର ଭିତରେ ରହି ଦର୍ଶନ କରନ୍ତି। ଏବର୍ଷ ସ୍ନାନଯାତ୍ରା ପହଣ୍ଡି ଟିକଟର ମୂଲ୍ୟ ୧୫୦ ଟଙ୍କା ରହିଥିଲା। ହେଲେ ଶ୍ରୀଗୁଣ୍ଡିଚା ଯାତ୍ରାର ପହଣ୍ଡି କିପରି ସୁଅଳ ହେବ ସେଥିଲାଗି ପହଣ୍ଡି ଦର୍ଶନକୁ ମଧ୍ୟ ବନ୍ଦ କରାଯାଇଛି। ସେହିପରି ରଥଯାତ୍ରା ଦିନ ପାଳିଥିବା ସେବାୟତଙ୍କୁ ଡାକିବାକୁ କିମ୍ବା ଖୋଜିବାକୁ ପଡ଼ିବ ନାହିଁ। ଧାର୍ଯ୍ୟ ସମୟ ପୂର୍ବରୁ ସେମାନେ ନୀତି ପାଇଁ ଆଗୁଆ ଆସି ପ୍ରସ୍ତୁତ ରହିବାକୁ କୁହାଯାଇଛି।

ସେହିପରି ରଥଯାତ୍ରା ପୂର୍ବଦିନ ଅର୍ଥାତ୍ ଜୁଲାଇ ୬ ତାରିଖରେ ରଥଖଳାରୁ ସିଂହଦ୍ୱାର ପର୍ଯ୍ୟନ୍ତ ରଥ ଟାଣିବା ପାଇଁ ଏବର୍ଷ ପଟିଦିଅଁଙ୍କଠାରୁ ଆଜ୍ଞାମାଳ ଅଣାଯିବ। ପରମ୍ପରା ଅନୁଯାୟୀ, ନବଯୌବନ ଦର୍ଶନ ଦିନ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଅଣାଯାଇଥାଏ। କିନ୍ତୁ ଚଳିତବର୍ଷ ଯେହେତୁ ଚତୁର୍ଦ୍ଧାବିଗ୍ରହ ଅଣସରରେ ଥିବେ, ତେଣୁ ୧୯୭୧ ମସିହାରେ ହୋଇଥିବା ନୀତି ଆଧାରରେ ଏବର୍ଷ ପଟିଦିଅଁଙ୍କଠାରୁ ରଥ ଆଜ୍ଞାମାଳ ଅଣାଯିବ ବୋଲି ନିଷ୍ପତ୍ତି ହୋଇଛି।

ସେହିପରି ସୋମବାର ଛତିଶା ନିଯୋଗ ବୈଠକରେ ନିର୍ଘଣ୍ଟ ହୋଇଥିବା ରଥଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟକୁ ଆଜି ପରିଚାଳନା କମିଟି ଆଜି ମୋହର ମାରିଛି। ଅର୍ଥାତ୍ ୬ତାରିଖ ରାତି ୨ଟାରେ ଦ୍ୱାର ଫିଟି ନେତ୍ରୋତ୍ସବ ନୀତି ହେବ। ରାତି ୨ଟାରେ ହେବ ମଙ୍ଗଳ ଆଳତି। ଏହାପରେ ମଇଲମ, ଅବକାଶ, ଦଶାବତାର ଠାକୁର ବାହୁଡ଼ା ବିଜେ ଆଦି ନୀତିକାନ୍ତି କରାଯାଇ ୭ତାରିଖ ସକାଳ ୬ରୁ ୭ଟା ମଧ୍ୟରେ ଗୋପାଳବଲ୍ଲଭ ଓ ଘଣ୍ଟଛତା ସକାଳଧୂପ (ଖେଚୁଡି ଭୋଗ) ସରିବ। ସକାଳ ସାଢ଼େ ୭ରୁ ମଧ୍ୟାହ୍ନ ସାଢ଼େ ୧୨ଟା ମଧ୍ୟରେ ଶ୍ରୀଅଙ୍ଗରେ ସେନାପଟା ଲାଗି ହେବ। ପୂର୍ବାହ୍ନ ୧୧ଟାରେ ରଥ ପ୍ରତିଷ୍ଠା, ଅପରାହ୍ଣ ୧ଟାରେ ମଙ୍ଗଳାର୍ପଣ ହୋଇ ୧ଟା ୧୦ରେ ଆରମ୍ଭ ହେବ ପହଣ୍ଡି। ଅପରାହ୍ଣ ସାଢ଼େ ୨ଟା ସୁଦ୍ଧା ପହଣ୍ଡି ସରି ୩ଟା ମଧ୍ୟରେ ମଦନମୋହନ, ରାମ ଓ କୃଷ୍ଣ ରଥରେ ବିଜେ କରିବେ। ଅପରାହ୍ଣ ୩ଟାରୁ ୪ଟା ମଧ୍ୟରେ ଛେରାପହଁରା ସରିବ ଏବଂ ସାଢ଼େ ୪ଟା ସୁଦ୍ଧା ଚାରମାଳ ଫିଟାଯାଇ ଘୋଡ଼ା ଓ ସାରଥୀ ଲଗାଯିବ। ଅପରାହ୍ଣ ୫ଟାରେ ରଥଟଣା ଆରମ୍ଭ ହେବ ବୋଲି ପରିଚାଳନା କମିଟିରେ ସ୍ଥିର ହୋଇଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ରଙ୍କ ସମେତ ପରିଚାଳନା କମିଟି ସଦସ୍ୟ, ସେବାୟତ ପ୍ରତିନିଧି ଓ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ।

### ଭାଙ୍ଗିବ କି...

ସରକାର ଗଠନ ହୋଇଛି; ସେବେଠାରୁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗକୁ କେନ୍ଦ୍ର ସରକାର ଭୁଲି ଯାଇଛନ୍ତି। ଏପରିକି ୨୦୧୪ରେ ବିଜେପି ନେତାମାନେ ଏଥିନେଇ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ ହେଁ ଓଡ଼ିଶା ଏବେ ବି 'ସ୍ୱତନ୍ତ୍ର' ପାହ୍ୟା ମାନ୍ୟତାରୁ ବଞ୍ଚିତ ହୋଇ ରହିଛି।

୧୯୬୯ରୁ ଦେଶରେ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରସଙ୍ଗ ପ୍ରଚଳିତ ହୋଇଛି ଏବଂ ୨୦୧୪ରେ ଶେଷ ରାଜ୍ୟ ଭାବରେ ତେଲେଙ୍ଗାନାକୁ ଏହି ମାନ୍ୟତା ମିଳିଛି। ବର୍ତ୍ତମାନ ଦେଶର ୧୧ଟି ରାଜ୍ୟ ତେଲେଙ୍ଗାନା, ଉତ୍ତରାଖଣ୍ଡ, ମିଜୋରାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରା, ସିକ୍କିମ୍, ମେଘାଳୟ, ମଣିପୁର, ହିମାଚଳ ପ୍ରଦେଶ, ନାଗାଲାଣ୍ଡ ଓ ଆସାମକୁ କେନ୍ଦ୍ର ସରକାର ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପ୍ରଦାନ କରିଛନ୍ତି। ଏହି ସବୁ ରାଜ୍ୟକୁ ବିଭିନ୍ନ କେନ୍ଦ୍ରୀୟ କାର୍ଯ୍ୟକ୍ରମ ଓ ଯୋଜନାରେ କେନ୍ଦ୍ର ସରକାର ୯୦ ପ୍ରତିଶତ ଅନୁଦାନ ଦେଉଥିବାବେଳେ ରାଜ୍ୟ ସରକାର ଅବଶିଷ୍ଟ ୧୦% ଅର୍ଥ ଭରଣା କରିଥାଆନ୍ତି। ମାତ୍ର ଅନ୍ୟ ରାଜ୍ୟକୁ କେନ୍ଦ୍ରୀୟ କାର୍ଯ୍ୟକ୍ରମ ଓ ଯୋଜନାରେ ୬୦% ଅନୁଦାନ ମିଳିଥାଏ; ରାଜ୍ୟ ସରକାରଙ୍କୁ ନିଜ ଅଂଶ ବାବଦରେ ୪୦% ଅନୁଦାନ ପ୍ରଦାନ କରିବାକୁ ପଡ଼ିଥାଏ।

ଏହି ପରିପ୍ରେକ୍ଷୀରେ ବିଭିନ୍ନ ରାଜ୍ୟର 'ସ୍ୱତନ୍ତ୍ର ପାହ୍ୟା' ଦାବିକୁ କଂଗ୍ରେସ ନେତା ଜୟରାମ ରମେଶ ସମର୍ଥନ ଜଣାଇଛନ୍ତି। ସେ କହିଛନ୍ତି ଯେ 'ସ୍ୱତନ୍ତ୍ର' ପାହ୍ୟା ଦାବି ୧୦ ବର୍ଷ ତଳର । ତତ୍କାଳୀନ ବିଜେପି ନେତାମାନେ ୨୦୧୪ ନିର୍ବାଚନ ପୂର୍ବରୁ ଅନୁରୂପ ପ୍ରତିଶ୍ରୁତି ଦେଇଥିଲେ, ମାତ୍ର ତାହାକୁ ଏଯାଏ କାର୍ଯ୍ୟକାରୀ କରାଯାଇ ନାହିଁ । ପ୍ରଧାନମନ୍ତ୍ରୀ ଏହି ପ୍ରସଙ୍ଗରେ ନିରବତା ଭାଙ୍ଗୁ ନାହାନ୍ତି ।

### ରାହୁଲ ବିରୋଧୀ...

କେସିବେଣୁଗୋପାଳ କହିଛନ୍ତି। କଂଗ୍ରେସ ସଂସଦୀୟଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀ କାମଚଳା ବାଚସ୍ପତିଙ୍କୁ ଚିଠି ଲେଖି ରାହୁଲ ଲୋକସଭାରେ ବିରୋଧୀ ଦଳ ନେତା ହେବେ ବୋଲି ଜଣାଇଛନ୍ତି। ପରେ ଅନ୍ୟ ପଦାଧିକାରୀଙ୍କ ନାମ ଘୋଷଣା କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ରାହୁଲ ତାଙ୍କ ରାଜନୈତିକ ଜୀବନରେ ପ୍ରଥମ ଥର ପାଇଁ ସାମ୍ବିଧାନିକ ପଦରେ ବସିବାକୁ ଯାଉଛନ୍ତି। ଏହା ପୂର୍ବରୁ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ବସିଥିଲା। ଏଥିରେ ରାହୁଲଙ୍କୁ ବିରୋଧୀ ଦଳ ନେତା କରିବା ପାଇଁ ପ୍ରସ୍ତାବ ରଖା ଯାଇଥିଲା। କଂଗ୍ରେସର ଅନେକ ନେତା ଏଥିପାଇଁ ଦାବି କରିଥିଲେ। ପରେ ବିରୋଧୀ ମେଣ୍ଟର ବୈଠକ ବସିଥିଲା। ଏଥିରେ ଟିଏମ୍‌ସିର ଡେରେକ ଓବ୍ରାଇନ ଏବଂ କଲ୍ୟାଣ ବାନାର୍ଜୀ, ଏସ୍‌ପିର ରାମଗୋପାଳ ଯାଦବ, ଡିଏମ୍‌କେର ଟିଆର ବାଲୁ, ଆରଜେଡିର ସୁରେନ୍ଦ୍ର ଯାଦବ, ଏନସିପିର (ଏସ୍‌ପି) ସୁପ୍ରିୟା ସୁଲେ, ଆରଏସ୍‌ପିର ଏନକେ ରାମଚନ୍ଦ୍ରନ, ଶିବସେନା (ୟୁବିଟି)ର ଅରବିନ୍ଦ ସାୱନ୍ତ, ଆରଏଲପିର ହନୁମାନ ବେନିୱାଲ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ରାହୁଲ ଗାନ୍ଧୀ, ବେଣୁଗୋପାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ବାଚସ୍ପତି ପଦକୁ ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା ବୋଲି ବେଣୁଗୋପାଳ କହିଛନ୍ତି।

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**T. No. TPWODL/MK/O/SER/ 014 Date : 26.06.2024**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Purchase Order for on-field Meter Testing Jobs in TPWODL Area.**

Interested bidders to submit Tender Participation Fee and Authorization Letter through email on or before **3rd July 2024, 15:00Hrs** after which the link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

**Sd/- Chief-Contracts and Stores**

**OFFICE OF THE PRINCIPAL, K. K. S. WOMEN'S COLLEGE, BALASORE, ODISHA.**
At.- Manikhamb, P.O.-Motiganj, Dist.-BALASORE-756003
Ph. No.06782-295558, E-mail id: kks_wc@yahoo.co.in,
website - "www.kksgovwc.org"
Affiliated to F M University, NAAC Accredited- B++

**No. 1193 Quotation Call Notice Date. 25.06.2024**

Sealed quotations are invited from registered reputed Firms / Dealers / Suppliers having valid GST registration, PAN and IT clearance etc. for supply of equipment under MRIP-2023. Quotation should be sent to Dr. Saroj Kumar Das, Principal Investigator (MRIP-2023) and Assistant Professor, Department of Zoology, K.K.S. Women's College, Manikhamb, Balasore, Odisha-756003. The details of specification of items, terms and conditions can be downloaded from Website "www.kksgovwc.org" . The quotations must reach on or before 5 PM of 6th July 2024 by speed post / Registered post only and the quotations will be opened on 8 July 2024 at 11AM. The undersigned reserve the rights to accept or reject any or all quotations without assigning any reason thereof.

Sd/- Principal
K.K.S Women's College, Balasore
N-37 OIPR - 11120/11/0005/2425

**URGENT REQUIREMENT**

Applications are invited from eligible candidates with requisite qualification to be engaged as Multipurpose Support Service Provider - **SAGARMITRA** to fishermen in Costal Village / Fish Landing Centres / Fishing Horbours of Odisha in districts of **Addl. F.O, Marine: Ganjam, Addl. F.O, Marine: Kunjanga- Jagatsingpur, Addl. F.O, Marine: Balasore, DFO (B&T) : Balugaon** circle on purely outsourcing basis under the Directorate of Fisheries, Cuttack, Govt. of Odisha.(Requirement for the year 2023-24 **(GEN-45, SC-02, ST-67) Total : 114.**

Applicants belonging to GENERAL, ST, SC (Both Male / Female) can apply on or before **04/07/2024** to: **g5ssagarmitra@gmail.com** with complete Bio Data, copy of Educational Certificate, Caste Certificate, Residential Certificate & Experience Certificate (if any). For any queries call : **7077502770.** Shortlisted candidates will be required to appear in a personal interview in District Headquarters.

**Minimum Requirements :- A)** Minimum essential qualification for **Sagarmitra** is 12th pass (Science Stream), preference will be given to Bachelor of Science / Fishery Science / Marine Boilogy & Zoology candidates. **B)** Preference may be given for the Candidates from local fishemen villages & willing to be engaged in above marine fish landing centre. **C)** Must be a resident of Odisha. **D)** Candidate should have effective communication skill in local language & basic Computer / IT knowledge in (MS Word, Excel & Power Point)

**GROUP NO.5 SECURITY SERVICE**
**Plot No.33/1689, Cuttack-Puri Road, Rasulgarh, BBSR-751010, Mob: 7077502770**
**For detailed information and application forms visit our website http://groupno5securityservice.in & apply to the above mail id.**

**INVITATION FOR BIDS (IFB) NATIONAL COMPETITIVE BIDDING THROUGH E-PUOCUREMKNT IDENTIFICATION NO: RWS&S DIVN., PURI - 05 OF 2024-25**
**(06752) 251276 Fax - (06752) 251276 E-mail – ccrwss_puri@nic.in**

The Exceutive Engineer, RWS&S Division. Puri on behalf of Governor of Odisha invites Percentage rate price bids through c-procurement in single cover system according to the norms of c-procurement system, in on-line mode from eligible contractors.

| Sl. | Nature of work: | Supplying, Installation, Testing and Commissioning of Iron Removal Plant for PWS to Samanga under Puri sadar Block in Puri District. |
|---|---|---|
| 1. | No. of works: | 01 (ONE) |
| 2. | Estimated Cost: | Rs. 11.00 lakhs |
| 3. | Time for completion: | 2 (Two) months |
| 4. | Cost of bidding document: | Rs. 6000/- |
| 5. | Class of Contractors eligible: | D&C |
| 6. | Availability of bids on-line: | From 11.00 hour of 26.06.2024 to 17.00 hours of 03.07.2024 |
| 7. | Last date and time for seeking clarification: | 17.00 hours of 29.06.2024 |
| 8. | Date & time of opening of technical bids: | On dt. 04.07.2024 at 11.30 Hours in the office of the Superintending Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids: | Does not arise. |

Further details can be seen corrigendum if any shall appear in the web site. https://www.tendersorissa.gov.in. Subsequent corrigendum if any shall appear in the web site.

Sd/- Superintending Engineer
RWS&S Division, Puri
O-47 OIPR - 25017/11/0003/2425

**AFFIDAVIT**

I, Sanjeep Das, S/o-Prafulla Kumar Das, resident of At-Das Enclave, Sipra Mallick Lane, Po-Kalyani Nagar, Ps-Madhupatna, Pin-753013, Dist-Cuttack, Odisha, declare by this affidavit No.1066, Dt. 25/06/2024 that now onwards I shall be known as **SANJIB KUMAR DAS** for all future purposes.

**AFFIDAVIT**

I, Santos Kumar Sahoo, S/o-Bansidhar sahoo, resident of Flat No. Samil Basantpur, Dasabidyadharpur, Bhimpur, Dist-Puri, Pin-752016, Odisha declare by this affidavit No.08, Date-01/06/2024 that now onwards I shall be known as **SANTOSH KUMAR SAHOO** for all future purposes.

**AFFIDAVIT**

I, Sudipta Sangram Hota, W/O-Sangram Keshari Hota, Resident of Plot No A-206, 2nd Floor, Green Field Residency, Patia@, PO-KIIT, PS-Infocity, Bhubaneswar, Dist-Khurda, Pin- 751024, Odisha declare by this affidavit No.68AA 059386 Dtd.- 10/06/2024 that now onwards I shall be known as **Deepa Hota** for all future purposes.

**AFFIDAVIT**

I, Pravakar Tripathy, S/O-Hrusikesh Tripathy, Resident of Vill-Bhagatpur (Talabahal), PO-Kumursingha, PS/Dist-Angul, Pin-759129, Odisha declare by this affidavit No.2290 Dtd.- 24/06/2024 that now onwards I shall be known as **Prabhakar Tripathy** for all future purposes.

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact-Bhavishya Homes Pvt Ltd.
**Ph.: 9437015112**

**AFFIDAVIT**

I, Dolagobinda Sahoo, S/O-Late Ananta Sahoo, Resident of Gandhi Nagar, Jatni, PO/PS-Jatni, Dist-Khordha, Pin- 752050, Odisha declare by this affidavit No.239 Dtd.-21/06/2024 that now onwards I shall be known as **Dolagovinda Sahoo** for all future purposes.

ଡକ୍ଟର ପ୍ରଧାନ ଆଇ କେୟାରରେ ଅଘଟଣ

# ଅପରେସନ ପରେ ୧୩ ଜଣଙ୍କ ଆଖି ଖରାପ

ଅନୁଗୋଳ, ୨୫।୬(ସମିସ)

ଗତ ୨୦ ତାରିଖ ଦିନ ଅନୁଗୋଳର ପ୍ରଧାନ ଆଇ କେୟାରରେ ୧୩ ଜଣ ରୋଗୀ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଇବାକୁ ଆସି ଭୀଷଣ ସଂକ୍ରମଣର ଶିକାର ହୋଇ ଗୁରୁତର ଅସୁସ୍ଥ ହୋଇପଡ଼ିଛନ୍ତି। ଏ

■ ଦୃଷ୍ଟିଶକ୍ତି ହରାଇବା ଆଶଙ୍କା

ସମ୍ପର୍କରେ କ୍ଲିନିକ୍ ପରିଚାଳକ ଡା. ଚନ୍ଦ୍ରଶେଖରଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ କହିଥିଲେ ଯେ, ତାଙ୍କ କ୍ଲିନିକରେ ଡାକ୍ତର ବିଶ୍ୱଜିତ୍ ଦେ ମେସିନ ଦ୍ୱାରା ନିୟମିତ ଅସ୍ତ୍ରୋପଚାର କରନ୍ତି। ଗତ ୨୦ ତାରିଖ ଦିନ ସେ ଅନୁଗୋଳ ବଅଁରପାଳ ଆଠମଲ୍ଲିକ ଅଞ୍ଚଳର ୧୩ ଜଣ ରୋଗୀଙ୍କ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାରର ୨୪ ଘଣ୍ଟା ପର୍ଯ୍ୟନ୍ତ ସେମାନେ ଭଲ ଥିଲେ। ଏହାପରେ ରୋଗୀମାନେ ଆଖିରେ ଯନ୍ତ୍ରଣା, ମୁଣ୍ଡ ବଥା ଆଦି ହେଉଥିବା ଅଭିଯୋଗ କରିଥିଲେ। ସବୁ ରୋଗୀଙ୍କ ସମାନ ଅସୁବିଧା ଥିବାରୁ ମୁଁ ଖବରପାଇ ମାନବିକତା ଦୃଷ୍ଟିକୋଣରୁ ସମସ୍ତଙ୍କୁ




ନେଇ ବୁର୍ଲା ମେଡିକାଲ କଲେଜ୍ ହସ୍ପିଟାଲରେ ଭର୍ତ୍ତି କରାଇଛି ବୋଲି ଡା. ଚନ୍ଦ୍ରଶେଖର କହିଛନ୍ତି। ପ୍ରଫେସରମାନେ ରୋଗୀମାନଙ୍କର ଚିକିତ୍ସା ଆରମ୍ଭ କରିଛନ୍ତି। ସୋମବାର ସନ୍ଧ୍ୟା ସୁଦ୍ଧା ତିନି ଚାରି ଜଣ ରୋଗୀଙ୍କ ଅବସ୍ଥାରେ ଉନ୍ନତି ଆସିଛି। ଅନ୍ୟମାନେ ଭଲ ହୋଇଯିବାର ସମ୍ଭାବନା ଅଛି। ତେବେ ବିଶେଷଜ୍ଞମାନେ ଅପରେସନ ପୂର୍ବରୁ ପଡୁଥିବା ତିନି ପ୍ରକାର ତରଳ ଔଷଧ, ଫାକୋ ଯନ୍ତ୍ର କିମ୍ବା ଓଟି ଏଥିରୁ କୌଣସିଟିରେ ସଂକ୍ରମଣ ଯୋଗୁଁ ଏହି ସମସ୍ୟା ଉପୁଜିଥିବା ଆଶଙ୍କା କରୁଛନ୍ତି। ତରଳ ଔଷଧଗୁଡ଼ିକ ଲାବରେଟୋରି ପରୀକ୍ଷା ପାଇଁ ପଠାଯାଇଛି। ବୁଧବାର ରିପୋର୍ଟ ଆସିବା ପରେ ତଥ୍ୟ ସାମ୍ନାକୁ ଆସିଯିବ ବୋଲି କୁହାଯାଉଛି। ତେବେ ଏ ସମ୍ପର୍କରେ ଡାକ୍ତର ବିଶ୍ୱଜିତ୍ ଦେଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ବାବୁ ଭୁବନେଶ୍ୱରରେ ରହନ୍ତି ଓ ବୁଲିବୁଲି ଚିକିତ୍ସା କରନ୍ତି। ଅନୁସନ୍ଧାନରୁ ଜଣାପଡିଛି ଯେ, ଡାକ୍ତର ଜଣକ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତି ଗୁରୁବାର ଆସନ୍ତି। ଡିଏମଏଫ୍ ଫଣ୍ଡରୁ ପ୍ରତି ଭିଜିଟରେ ୨୦ ହଜାର ଟଙ୍କା ନିଅନ୍ତି। ସେ ପେଡିଆଟ୍ରିକ ଆଖି ବିଶେଷଜ୍ଞ ଭାବେ ପ୍ରତି ବାରି ଚାଳିଶରୁ ପଚାଶ ରୋଗୀ ଦେଖି ତା'ପରେ ପ୍ରଧାନ କ୍ଲିନିକ୍ ଆସି ପୁଣି ରୋଗୀ ଦେଖନ୍ତି। ଘଟଣା ସମ୍ପର୍କରେ ରାଜ୍ୟ ଓମସା ସମ୍ପାଦକ ଡା. ବିଶ୍ୱଜିତ୍ ସାମଲଙ୍କ ମତ ଲୋଡ଼ିଥିଲୁ, ସେ କହିଲେ ଯେ, ଡବ୍ଲ୍ୟୁଏଚଓ'ର ଗାଇଡ୍ ଲାଇନ୍ ଅନୁସାରେ ଜଣେ ଡାକ୍ତର ଦିନକୁ କୋଡ଼ିଏରୁ ତିରିଶ ରୋଗୀ ସୁସ୍ଥ ମନରେ ଦେଖିପାରିବ। ତେଣୁ ପଚାଶ ରୋଗୀ ଦେଖି ସାରି ପୁଣି ଯଦି ପନ୍ଦର କୋଡ଼ିଏ ଅସ୍ତ୍ରୋପଚାର ରଖାଯିବ, ସେଥିରେ ଭୁଲ୍ ଭଟକା ରହିବାର ଆଶଙ୍କା ବି ରହିବ। ଅନ୍ୟ ପକ୍ଷରେ ବୁର୍ଲାରେ ଥିବା ରୋଗୀଙ୍କ ସଂପର୍କୀୟମାନେ ଜଣାଇଛନ୍ତି ଯେ, ସେମାନେ ସେମାନଙ୍କ ରୋଗୀର ଦୃଷ୍ଟିଶକ୍ତି କିଭଳି ଫେରିବ, ସେଥିନେଇ ଚିନ୍ତିତ ଅଛନ୍ତି। ସେମାନଙ୍କ ଆଖିକୁ ଭଲ ଦିଶୁନାହିଁ। ତେଣୁ ସେମାନେ ବର୍ତ୍ତମାନ ପରିସ୍ଥିତିରେ କାହା ନାଁରେ ଲିଖିତ ଅଭିଯୋଗ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି। ତେଣୁ ଆମ ରୋଗୀ ଘରକୁ ଫେରିଲେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବା କଥା ନିଆଯିବ।

■ ଛେଣ୍ଡିପଦା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅଜବ ସ୍ଥିତି

## ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବଦଳରେ ମିଳୁଛି ବିସ୍କୁଟ

**ଛେଣ୍ଡିପଦା, ୨୫।୬(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବଦଳରେ ପିଲାଙ୍କୁ ବିସ୍କୁଟ ଦିଆଯାଉଥିବା ଦେଖିବାକୁ ମିଳୁଛି । ଘଟଣାରୁ ପ୍ରକାଶ ଯେ, ଅଧିକାଂଶ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଚାଉଳ ସରିଯାଇଥିବା ବେଳେ ଚାଉଳ ଯୋଗାଇ ଦିଆଯାଉ ନ ଥିବାରୁ ପିଲାଙ୍କୁ ବିସ୍କୁଟ ଦିଆଯାଉଛି। ସରକାର ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ ବହୁ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଚାଉଳ ସରିଥିବା ବେଳେ ନିକଟସ୍ଥ ବିଦ୍ୟାଳୟରୁ ଚାଉଳ ଉଧାରୀ ଆଣି ମଧ୍ୟାହ୍ନଭୋଜନ ଦେଇ ଆସୁଥିଲେ । ଯଦି ୩ ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ ବିଦ୍ୟାଳୟ ଗୁଡ଼ିକୁ ମଧ୍ୟାହ୍ନଭୋଜନ ପାଇଁ ଚାଉଳ ଯୋଗାଣ ନହୁଏ, ବ୍ଲକର ସମସ୍ତ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଦେବା ବନ୍ଦ ହୋଇଯିବ । ଏନେଇ ଛେଣ୍ଡିପଦା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ଚାଉଳ ଅଭାବ ଥିବା ନେଇ କୌଣସି ବିଦ୍ୟାଳୟରୁ ଅଭିଯୋଗ ଆସିନାହିଁ । କିଛି ବିଦ୍ୟାଳୟକୁ ଚାଉଳ ଯୋଗାଇ ଦିଆଯାଇଥିବା ବେଳେ ଅଳ୍ପ ଦିନ ମଧ୍ୟରେ ଚାଉଳ ଯୋଗାଇ ଦିଆଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ ପ୍ରକାଶ କରିଛନ୍ତି ।

## କମ୍ପ୍ୟୁଟର ଶିକ୍ଷା ସଚେତନତା କାର୍ଯ୍ୟକ୍ରମ




**ଢେଙ୍କାନାଳ, ୨୫।୬(ସମିସ):** ସ୍ଥାନୀୟ ମିନା ବଜାରର ଗାନ୍ଧୀ ମନ୍ଦିର ରୋଡ ସ୍ଥିତ ବାଣିବିହାର କମ୍ପ୍ୟୁଟର ସେଣ୍ଟର ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ଶିକ୍ଷା ଓ ପ୍ରଶିକ୍ଷଣ ବିକାଶ ସମିତି ତରଫରୁ ଏକ କମ୍ପ୍ୟୁଟର ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୱିକ ଓ ସାହିତ୍ୟ ଏକାଡେମୀ ସଭ୍ୟ ତଥା ଅବସରପ୍ରାପ୍ତ ଅଧିକାରୀ କବି ବାହାଦୂର ପାଟସାହାଣୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କମ୍ପ୍ୟୁଟର ଶିକ୍ଷାର ମହତ୍ୱ ବିଷୟରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବରେ ସମାଜସେବୀ ଶିଶିର ଶତପଥୀ ଯୋଗଦେଇ କମ୍ପ୍ୟୁଟର ଶିକ୍ଷା ପ୍ରାପ୍ତହେବା ଦ୍ୱାରା ଚାକିରି ଓ ରୋଜଗାରର ବିଭିନ୍ନ ସୁଯୋଗ ଉପରେ ଆଲୋକପାତ କରିଥିଲେ। ନିଶ୍ଚିତ ଭାବରେ କମ୍ପ୍ୟୁଟର ଶିକ୍ଷା ଉପରେ ଦକ୍ଷତା ହାସଲ କରିବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସ୍ତମ୍ଭାକାର ସୟଦ ସଫିର ଅଲ୍ଲୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଏବଂ ମୁଖ୍ୟ ପ୍ରଶିକ୍ଷିତା ବିଷ୍ଣୁପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ରାଜେନ୍ଦ୍ର ଦେବତା, ସନ୍ଦୀପ କର ଓ ଅନ୍ୟମାନେ ସହଯୋଗ କରିଥିଲେ।

## 'ମା'ଙ୍କ ନାମରେ ବୃକ୍ଷଟିଏ' କାର୍ଯ୍ୟକ୍ରମ



**ଛେଣ୍ଡିପଦା,୨୫।୬(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ପରିସରରେ ମା'ଙ୍କ ନାମରେ ବୃକ୍ଷଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛେଣ୍ଡିପଦା ବ୍ଲକ ଗୋଷ୍ଠୀ ଉନ୍ନୟନ ଆଧିକାରୀ ତ୍ରିବିକ୍ରମ କୁମୁରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ମା'ଙ୍କ ନାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହିତ ସମସ୍ତଙ୍କୁ ୫ଟି ଲେଖାଏଁ ବୃକ୍ଷରୋପଣ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ । ଏହା ପରେ ବିଧାୟକ ମନ୍ଦିର ପରିସରରେ ବୃକ୍ଷରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ, ବନାଞ୍ଚଳ ଅଧିକାରୀ ଶୁଭ୍ରା ସୁଚିସ୍ମିତା ମହାପାତ୍ର, ମିଶନ ଶକ୍ତି ସଂଯୋଜକ ପ୍ରମୋଦ ବେହେରା, ସଂଯୋଜକ ସୁବ୍ରତ କୁମାର ସାହୁ, ସଞ୍ଜୟ କୁମାର ସାହୁ, ହିରଣ୍ମୟୀ ପ୍ରଧାନ, ପଞ୍ଚାନନ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ବହୁ ଏମବିକେ, ପ୍ରାଣୀମିତ୍ର, କୃଷିମିତ୍ର, ସିଆରପିମାନେ ଯୋଗ ଦେଇଥିଲେ ।

ଚୋରକୁ ଧରିବାରେ ଫେଲ ମାରୁଛି ପୁଲିସ୍

# ୪ ଦିନରେ ବାଇକ୍ ସହ ୮ ମୋବାଇଲ ଚୋରି

**ତାଳଚେର ସଦର, ୨୫।୬(ସମିସ):** ଓଡ଼ିଶାର କଳାହୀରା ଭାବେ ପରିଚିତ ତାଳଚେର ସହରରେ ଏବେ ଦିନକୁ ଦିନ ଚୋରି ସମେତ ରାହାଯାନୀ, ଛିନତାଇ, ପକେଟମାର ଇତ୍ୟାଦି ବଢ଼ିବାରେ ଲାଗିଛି। ଏହି ଚୋର ବା ଅପରାଧିମାନଙ୍କୁ ଧରିବାରେ ଏଠିକାର ପୁଲିସ୍ ଫେଲ ମାରୁଥିବା ସାଧାରଣ ଚର୍ଚ୍ଚା ହେଉଛି। ସହରରେ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଲୋକେ ଯେ କୌଣସି କାମରେ ବାହାରକୁ ଗଲେ, ଘରକୁ ଫେରିବା ପର୍ଯ୍ୟନ୍ତ ତାଙ୍କ ମନରେ ଏକ ଦ୍ୱନ୍ଦ୍ୱ ଉପୁଜୁଛି। କାହିଁକି ନା ବିଭିନ୍ନ ନିଶା ସେବନ କରୁଥିବା ନିଶାଗ୍ରସ୍ତ ଯୁବକ ଏଠାରେ ଦିନ ଦ୍ୱିପ୍ରହରରେ ଜଘନ୍ୟ କାଣ୍ଡ ଘଟାଉଥିବା ନଜିର ରହିଛି। କେତେକ ମାରାତ୍ମକ ନିଶା ଯଥା- ବ୍ରାଉନସୁଗର, କରେକ୍ସ, ନାଇଟ୍ରୋଜେନ୍ ଟାବ୍ଲେଟ୍, ଗଞ୍ଜେଇ, ଡେଣ୍ଡରାଇଟ୍ ଅଠା, ଦେଶୀ ଓ ବିଦେଶୀ ମଦ ଇତ୍ୟାଦି ନିଶା ସେବନକରି ସହରର ଗଳିକନ୍ଦିଠାରୁ ଆରମ୍ଭ କରି ରାଜପଥ ପର୍ଯ୍ୟନ୍ତ ଅନେକ କାଣ୍ଡ ଭିଆଉଥିବା ପ୍ରାୟ ସମୟରେ ଶୁଣିବାକୁ ମିଳିଥାଏ। ଘଟଣାରୁ ପ୍ରକାଶ, ଆଜି ମଧ୍ୟାହ୍ନରେ ତାଳବେଡ଼ା ଗ୍ରାମର ରଞ୍ଜନ ବେହେରା ନୀଳ ଓ କଳା ରଙ୍ଗର ହିରୋ ଗ୍ଲାମର ମଟର ସାଇକଲ (ଓଡ଼ି ୩୫ବି-୫୩୧୭) କୁ ବାଇପାସ୍ ଛକ ଯେଉଁଠାରେ କି ମାଳମାଳ ସିସି କ୍ୟାମେରା ଲାଗିଛି, ସେଠାରେ ସେ ଗାଡ଼ି ଲକକରି ସେହି ନିକଟସ୍ଥ ଏକ ବ୍ୟାଙ୍କକୁ ଯାଇ ଫେରିଲା ବେଳକୁ ସେହି ସ୍ଥାନରେ ତାଙ୍କର ଆଉ ଗାଡ଼ିଟି ନଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି ପରେ କୌଣସି ସନ୍ଧାନ ନପାଇବାରୁ ସେ ତାଳଚେର ଟାଉନ ଥାନାରେ ଏନେଇ ଏକ ଲିଖିତ ଅଭିଯୋଗ କରିଛନ୍ତି। ସେହିଭଳି ତାଳଚେର ପୌରାଞ୍ଚଳର ୮ନମ୍ବର ୱାର୍ଡ କାରୀଗର ପଡ଼ାରୁ ଲଗାତାର ଭାବେ ୪ଦିନ ମଧ୍ୟରେ ୮ଟି ନାମୀଦାମୀ ମୋବାଇଲ୍ ଚୋରି ହେବା ଘଟଣା ଅଞ୍ଚଳରେ ମୁଖ୍ୟ ପ୍ରସଙ୍ଗ ହୋଇଛି। ଏପରିକି, ସହରର ବିଭିନ୍ନ ଅଞ୍ଚଳରୁ ଏବେ ଚୋରି ବୃଦ୍ଧି ପାଇବାରୁ ସହରବାସୀଙ୍କ ମଧ୍ୟରେ ଏକ ପ୍ରକାର ଆତଙ୍କର ବାତାବରଣ ଖେଳିଯାଇଛି। କୁହାଯାଉଛି କି, ଧଳାଜହର ସେବନକାରୀ ନିଶାଗ୍ରସ୍ତ ଯୁବକମାନେ ବିଭିନ୍ନ ସମୟରେ ଚୋରି, ଡ଼କାୟତି କରୁଛନ୍ତି। ଅବକାରୀ ଓ ପୁଲିସ୍ ବିଭାଗର ନିଷ୍କ୍ରିୟତା ଯୋଗୁଁ ତାଳଚେର ଅଞ୍ଚଳରେ ଧଳାଜହର ସେବନକାରୀଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଉଥିଲେ ମଧ୍ୟ ସେମାନଙ୍କୁ କେହି ହେଲେ ଠାବ କରିପାରୁ ନଥିବା ଏକ ପରିତାପର ବିଷୟ ହୋଇଛି। ତେବେ ଉକ୍ତ ମାରାତ୍ମକ ନିଶା କାରବାରକୁ ରୋକାଗଲେ, କିଛିକାଂଶରେ ଏପରି ଆପରାଧିକ କାର୍ଯ୍ୟ ଥମିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

## ବିଲରେ କାର୍ଯ୍ୟ କରୁଥିବା ବେଳେ ଚାଷୀ ମୃତ

**କାମାକ୍ଷାନଗର, ୨୫।୬ (ସମିସ):** ଭୁବନ ଥାନା ବାଉଁଶକଣ ଗ୍ରାମର ଜନୈକ ଚାଷୀ ବିଲରେ କାର୍ଯ୍ୟ କରୁଥିବା ବେଳେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ବାଉଁଶକଣ ଗ୍ରାମର ରବି ପଧାନ ମଙ୍ଗଳବାର ସକାଳେ ତାଙ୍କର ଏକମାତ୍ର ପୁଅ ହିମାଂଶୁକୁ ନେଇ ଗାଁ ପାଖ ବିଲରେ କାମ କରୁଥିଲେ। ହଠାତ୍ କାମ କରୁଥିବା ସମୟରେ ରବି ସଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ଆଖପାଖ ବିଲରେ କାମ କରୁଥିବା ଚାଷୀମାନେ ତାଙ୍କୁ ଉଦ୍ଧାର କରି ଭୁବନ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ହୃଦଘାତରେ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ରବିର ମୃତ୍ୟୁକୁ ନେଇ ଭୁବନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଭୁବନ ପୁଲିସ ଅଭିଯୋଗ ଆଧାରରେ ଚିକିତ୍ସାଳୟରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି।



## ବନ ସଂରକ୍ଷଣ ସମିତିର ନୂତନ କାର୍ଯ୍ୟକାରୀ କମିଟି ବୈଠକ



**କାମାକ୍ଷାନଗର, ୨୫।୬ (ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକର କେରଯୋଳି ପଞ୍ଚାୟତ କଳଦା ଗ୍ରାମର ଯାତ୍ରା ପେଣ୍ଡାଲ ଠାରେ ବନ ସଂରକ୍ଷଣ ସମିତିର କମିଟି ଚୟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭଲାଦେବ ମହାନ୍ତଙ୍କୁ ବନ ସଂରକ୍ଷଣ ସମିତିର ନୂତନ ସଭାପତି ରୂପେ ଚୟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବନ ଉନ୍ନୟନ ପ୍ରକଳ୍ପର ବିକାଶ ଅଧିକାରୀ ଲିଙ୍ଗରାଜ ପ୍ରଧାନ ଓ ଅନୁପମା ମହାନ୍ତି, ଫରେଷ୍ଟ ଗାର୍ଡ ପ୍ରଶାନ୍ତ ନନ୍ଦ ବେହେରା ଓ ଭାବଗ୍ରାହୀ ପ୍ରଧାନ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ଅନ୍ୟ ନୂତନ କମିଟିର ସୁଶିଳ ପଟ୍ଟନାୟକ ନୃପତି ମହାନ୍ତ, ଚେମୁଟୁ ଦେହୁରୀ, ବନିତା ଦେହୁରୀ, ଯମୁନା ଦେହୁରୀ, ହାଡିବନ୍ଧୁ ଦେହୁରୀ, ସାବିନି ମୁଣ୍ଡା, ପୁରନ୍ଦର ଘଡେଇ, ସୁନୀତା ମହାନ୍ତ, ଦିଲ୍ଲୀପ ମୁଣ୍ଡା, ପାର୍ବତୀ ଘଡେଇ, ବାସନ୍ତୀ ଦେହୁରୀ, ତୀର୍ଥ ଦେହୁରୀ, ଗଣେଶ୍ୱର ଦେହୁରୀ, ଉପସ୍ଥିତ ରହି ସୁଚାରୁ ରୁପେ ବୈଠକ ଆରମ୍ଭ ହୋଇ ଶାନ୍ତିଶୃଙ୍ଖଳାର ସହିତ ସଭା କାର୍ଯ୍ୟ ସମାପନ କରାଯାଇଥିଲା।

## ବିଧାୟକଙ୍କୁ କେନ୍ଦୁପତ୍ର ତୋଳାଳି ସଂଘର ସମ୍ବର୍ଦ୍ଧନା

**ପାଲଲହଡ଼ା, ୨୫।୬(ସମିସ):** ମଙ୍ଗଳବାର ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କୁ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ କେନ୍ଦୁପତ୍ର ତୋଳାଳି ଓ ସିଜନାଲ କର୍ମଚାରୀ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ରୀଯୁକ୍ତ ମହାନ୍ତିଙ୍କୁ ସ୍ଥାନୀୟ ଜାତୀୟ ରାଜପଥ ଡାକ ବଙ୍ଗଳାଠାରୁ ବାଜା ବାଣରେ କେନ୍ଦୁପତ୍ର କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ରାଜ୍ୟ କେନ୍ଦୁପତ୍ର ତୋଳାଳି ଓ ସିଜିନାଲ କର୍ମଚାରୀ ସଙ୍ଘର ସମ୍ପାଦକ ତଥା ଶ୍ରମିକ ନେତା ମନୋଜ କୁମାର ସାହୁଙ୍କ ସଂଚାଳନରେ ପରିଚାଳିତ ସମ୍ବର୍ଦ୍ଧନା ସଭାରେ ଅନୁଗୋଳ ଡିଭିଜନର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ବିଧାୟକ ଅଶୋକ ମହାନ୍ତିଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ଆଡଭୋକେଟ ତନ୍ମୟ କୁମାର ସାହୁ, ବିଜେପି ଜିଲ୍ଲା ଉପସଭାପତି ଲିଙ୍ଗରାଜ ଦାଶ, ମଣ୍ଡଳ ସଭାପତି ପଞ୍ଚାନନ ସାହୁ, ବରିଷ୍ଠ ସାମ୍ବାଦିକ ରଘୁନନ୍ଦନ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ସଙ୍ଘର ହିତ ଦୃଷ୍ଟିରୁ ଆମ ସରକାର ସବୁବେଳେ ତତ୍ପର ବୋଲି ଶ୍ରୀଯୁକ୍ତ ମହାନ୍ତି ଭାଷଣ ପ୍ରସଙ୍ଗରେ କହିଥିଲେ। କେନ୍ଦୁପତ୍ର ତୋଳାଳି ସଙ୍ଘର ସମ୍ପାଦକ ବିନୋଦ ବିହାରୀ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଜିର ଏହି ସମ୍ବର୍ଦ୍ଧନା ସଭାରେ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଞ୍ଚଟି ଯାକ ଡିଭିଜନ ବକ୍ରକୋଟ, ସିପୁର, ଖମାର ଏବଂ ପାଲଲହଡ଼ାର ପୂର୍ବ ପଶ୍ଚିମ ରେଞ୍ଜର ସମସ୍ତ ସମ୍ପାଦକ, ପଦାଧିକାରୀ, ତୋଳାଳିମାନେ ଯୋଗ ଦେଇଥିଲେ।




# ଭାଷାବିଜ୍ଞାନୀ ଗୋଲୋକ ବିହାରୀ ଧଳଙ୍କ ଶ୍ରାଦ୍ଧବାର୍ଷିକୀ

ଢେଙ୍କାନାଳ,୨୫।୬ (ସମିସ)

ବିଶିଷ୍ଟ ଧ୍ୱନିତତ୍ତ୍ୱବିତ୍ ଅନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଭାଷାବିଜ୍ଞାନୀ ଗୋଲୋକ ବିହାରୀ ଧଳଙ୍କ ଶ୍ରାଦ୍ଧବାର୍ଷିକୀ, ସୁବର୍ଣ୍ଣ ଜୟନ୍ତୀ ଜାତୀୟସ୍ତରରେ ବର୍ଷବ୍ୟାପୀ ପାଳିତ ହେବ ବୋଲି ତାଙ୍କ ଶ୍ରାଦ୍ଧ ଦିବସରେ କର୍ମକର୍ତ୍ତାମାନେ ସଙ୍କଳ୍ପ ଗ୍ରହଣ କରିଛନ୍ତି। ଗୋଲୋକ ବିହାରୀ ଧଳ ସ୍ମୃତି ସଂସଦର ସଭାପତି ଅପର୍ତ୍ତି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଭୋଳେଶ୍ୱର ଧଳ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଗୋଲୋକ ବିହାରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଦୀପଦାନ କରାଯାଇଥିଲା। ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରେ ସଂସଦର କର୍ମକର୍ତ୍ତା ବିଷ୍ଣୁପ୍ରସାଦ ଲେଙ୍କା, ପ୍ରଭାତୀ ମହାପାତ୍ର, ରେଖା ଧଳ, ଗୀତାଶ୍ରୀ ନାୟକ ପ୍ରମୁଖ ଉପସ୍ଥିତ ହୋଇ ପୂଜାର୍ଚ୍ଚନା କରି ସ୍ୱର୍ଗତ ଧଳଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଏକ ସାଧାରଣ ବୈଠକରେ ଛଦେଶ ସାହିତ୍ୟ ସଂସଦର ସଭାପତି ନୀଳମଣି ମହାରଣା, ଉପସଭାପତି ପ୍ରକାଶ ଚନ୍ଦ୍ର ଜଗଦେବ, ସମ୍ପାଦକ ମଧୁସୂଦନ ଶତପଥୀ, ଯୁଗ୍ମ ସମ୍ପାଦକ ଫକୀର ମୋହନ ସାହୁ, କୋଷାଧ୍ୟକ୍ଷ ବୀରବର

● ସୁବର୍ଣ୍ଣ ଜୟନ୍ତୀ ସ୍ମାରକ ଉନ୍ମୋଚିତ
● ଜାତୀୟସ୍ତରରେ ପାଳିତ ହେବ

ମିଶ୍ର, ସାଂସ୍କୃତିକ ସମ୍ପାଦକ ପ୍ରଶାନ୍ତ କୁମାର ଧଳ, କାର୍ଯ୍ୟକାରୀ ସଦସ୍ୟ ଅମୀର ଚନ୍ଦ୍ର ରାଉତ, ଜାପାନୀ ଜଗଦେବ, ଦୁର୍ଯ୍ୟୋଧନ ନାଏକ, ନବକିଶୋର ମଲ୍ଲିକ, ପବିତ୍ର ବେହେରା, ଅରୁଣ କୁମାର କର ପ୍ରମୁଖ ସ୍ୱର୍ଗତ ଧଳଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ କର୍ମକର୍ତ୍ତା ସୁବର୍ଣ୍ଣ ଜୟନ୍ତୀ ସ୍ମାରକ ଉନ୍ମୋଚନ କରିଥିଲେ। ଏହି






କାର୍ଯ୍ୟକ୍ରମକୁ ସମ୍ପାଦକ ମନୋଜ କୁମାର ସାହୁ 'ମନ୍ମୟ' ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଭାଷାବିଜ୍ଞାନୀ ଗୋଲୋକ ବିହାରୀ ଧଳ ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଢେଙ୍କାନାଳର ଗଞ୍ଜେଇଡ଼ିହ ଗ୍ରାମରେ ୧୯୨୧ ମସିହା ଡିସେମ୍ବର ୧୫ରେ ଜନ୍ମ ହୋଇ ଜଣେ ମେଧାବୀ ଛାତ୍ର ଭାବରେ ତତ୍କାଳୀନ ଜିଲ୍ଲା ସ୍କୁଲ ତଥା ଅଧୁନା ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ରାଜ୍ୟର ଶ୍ରେଷ୍ଠ କୃତୀଛାତ୍ର ଗୌରବ ଲାଭ କରିଥିଲେ। ସେ ଓଡ଼ିଆ, ସଂସ୍କୃତ, ହିନ୍ଦୀ ଭାଷାରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ଧ୍ୱନି ବିଜ୍ଞାନ ସମେତ ପ୍ରବନ୍ଧ ସାହିତ୍ୟ, ଭାଷା ଆଲୋଚନା, ଅନୁବାଦ, ଶିଶୁସାହିତ୍ୟ, ଭ୍ରମଣ କାହାଣୀ ଆଦି ବିଭାଗରେ ଅନେକ ପୁସ୍ତକ ରଚନା କରିଥିଲେ। ୧୯୭୪ ମସିହାରେ ନିଜ ପ୍ରିୟ ବୃତ୍ତି ଅଧ୍ୟାପନାରେ କାର୍ଯ୍ୟରତ ଥିବା ସମୟରେ ମସ୍ତିଷ୍କ ଆଘାତଜନିତ ଦୁର୍ଘଟଣାରେ ପୀଡ଼ିତ ହୋଇ ଜୁନ ୨୪ରେ ପରଲୋକ ଗମନ କରିଥିଲେ। ତାଙ୍କର ବିୟୋଗରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳ, ଓଡ଼ିଶା ସାହିତ୍ୟ ଏକାଡେମୀ, ରାଜ୍ୟର ସାହିତ୍ୟିକ ସମାଜ, ଅଧ୍ୟାପକ ସମାଜ ସମେତ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଥିଲେ।

# ଗାଁକୁ ଗାଁ ବୁଲି ସମସ୍ୟା ବୁଝୁଛନ୍ତି ବିଧାୟକ



**ହରଭଙ୍ଗା, ୨୫।୬(ସମିସ):** ବୌଦ୍ଧ ନିର୍ବାଚନମଣ୍ଡଳୀରେ ବିଜେପିର ବିଧାୟକ ଭାବେ ସରୋଜ ପ୍ରଧାନ ନିର୍ବାଚିତ ହେବା ପରେ ସିଧାସଳଖ ଗାଁ ଗାଁ କୁ ଗାଁ ବୁଲି ଲୋକଙ୍କ ସହ ମିଶି ଲୋକଙ୍କ ବିଭିନ୍ନ ମୌଳିକ ସମସ୍ୟା ଉପରେ ପଚାରି ବୁଝୁଥିବା ଦେଖିବାକୁ ମିଳୁଛି। ଏପଟେ ନବ ନିର୍ବାଚିତ ଯୁବ ଚେହେରା ସରୋଜ ବିଧାୟକ ହେଲା ଦିନଠୁ ଲୋକଙ୍କ ଶୁଭେଚ୍ଛାର ସୁଅ ଆଜି ପର୍ଯ୍ୟନ୍ତ ଛୁଟୁଛି। ରାତି ପାହିଲେ ବୌଦ୍ଧ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ୍ୟ କମିଟି ଓ

### ସ୍କୁଲରେ ପହଞ୍ଚି ମଧ୍ୟାହ୍ନ ଭୋଜନ ପରଷିଲେ

ବିଭିନ୍ନ ଯୁବ ଗୋଷ୍ଠୀଙ୍କ ଗହଳି ବିଧାୟକଙ୍କ ବାସ ଭବନ ଆଗରେ ଲାଗିରହୁଥିବା ଦେଖିବାକୁ ମିଳୁଛି। ବିଧାୟକ ସରୋଜ କହିଛନ୍ତି, ଜନତା ଜନାର୍ଦ୍ଦନ ହିଁ ମୋର ଭଗବାନ ତେଣୁ ତାଙ୍କ ସୁଖ ଦୁଃଖରେ ସର୍ବଦା ଭାଗୀ ରହିବି ଓ ଲୋକଙ୍କ ମୌଳିକ ସୁବିଧାକୁ ସର୍ବଦା ପ୍ରାଥମିକତା ଦେବି। ଏପଟେ ବିଧାୟକ ସରୋଜଙ୍କ ଶପଥ ଗ୍ରହଣ ପରେ ବୌଦ୍ଧ ନିର୍ବାଚନମଣ୍ଡଳୀ ପୁରା ଆକ୍ସନ ମୁଡ଼ରେ ଥିବା ଦେଖିବାକୁ ମିଳୁଛି। ସେ କୁହିଛନ୍ତି ଯେ, ଭୋଟ ଭିକ୍ଷା ପାଇଁ ଯେମିତି ଲୋକଙ୍କ ପାଖକୁ ଯାଉଥିଲୁ ସେମିତି ଲୋକଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ଗାଁ ଗାଁରେ ପହଁଚିବୁ। ସରୋଜ ବିଧାୟକ ହେବା ପରୁଠୁ କେତେବେଳେ ମେଡିକାଲ ପହଁଚିବା, ତ ଆଉ କେତେବେଳେ ଜିଲ୍ଲା ଷ୍ଟାଡିୟମ ପରିଦର୍ଶନ କରିବା, ଏପରିକି ଦୁଇଦିନ ତଳେ ଏସବୁ ପରିଦର୍ଶନ ସହ ବୌଦ୍ଧ ବସଷ୍ଟାଣ୍ଡର ଭିତ୍ତିଭୂମି, ଜଗନ୍ନାଥ ସଡ଼କ ଉପରେ ନିର୍ମାଣ ଧୀନ ଥିବା ସେତୁର ଅଗ୍ରଗତି ଉପରେ ଆଲୋଚନାକରିବା, ବିଭିନ୍ନ ମଠ, ମନ୍ଦିରର ଉନ୍ନତି ନେଇ ବିଭିନ୍ନ ଗ୍ରାମକୁ ପହଁଚି ଗ୍ରାମବାସୀଙ୍କ ସହ ଆଲୋଚନା, ପାନୀୟ ଜଳ ସମସ୍ୟା, ଭତ୍ତା ଓ ପିଡ଼ିଏସ ସମ୍ପର୍କରେ ଲୋକଙ୍କ ସହ ସିଧାସଳଖ କଥା ହୋଇ ସମସ୍ୟାର ସମାଧାନ କ୍ଷେତ୍ରରେ ବିଧାୟକ ପୁରା ନିୟୋଜିତ ଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ବିଭିନ୍ନ ସ୍କୁଲକୁ ଯାଇ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନର ମାନ ଦେଖିବା ସହ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପରସିଥିଲେ।

## ଅଙ୍ଗନୱାଡ଼ି କର୍ମୀଙ୍କୁ ଶିକ୍ଷକଙ୍କ ଦୁଷ୍କର୍ମ ଉଦ୍ୟମ ଘଟଣା

# ୩ ଦିନ ବିତିଲା ଗିରଫ ହୋଇନାହାନ୍ତି ଅଭିଯୁକ୍ତ

**ବିନିକା, ୨୫।୬(ସମିସ)**

ଜଣେ ଅଙ୍ଗନୱାଡି କର୍ମୀଙ୍କୁ କାର୍ଯ୍ୟରତ ଜଣେ ଶିକ୍ଷକ ଦୁଷ୍କର୍ମ ଉଦ୍ୟମ ଓ ମରଣାତ୍ମକ ଆକ୍ରମଣ କରିବାର ୩ଦିନ ବିତି ଯାଇଥିଲେ

### ଘଟଣା ସତ୍ୟ ହୋଇଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ-ବିଇଓ

ମଧ୍ୟ ଅଦ୍ୟାବଧି ଏଥିରେ ସମ୍ପୃକ୍ତ ଶିକ୍ଷକ ଓ ତାର ସହଯୋଗୀ ବ୍ୟକ୍ତିକୁ ପୋଲିସ ଗିରଫ କରିବାରେ ବିଫଳ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ସୂଚନା ଅନୁସାରେ ଘଟଣାଟି ହେଉଛି ବିନିକା ବ୍ଲକ ବାଉଁସୁଣି ଗ୍ରାମର। ଗତ ୧୯ତାରିଖ ରାତିରେ ଏକୁଟିଆ ରହୁଥିବା ଅଙ୍ଗନୱାଡି କର୍ମୀଙ୍କ ଘରକୁ ନକଟାମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଘନଶ୍ୟାମ ମୁଦୁଲି ଓ ତାର ସହଯୋଗୀ ଏକାଦସିଆ ମଲ୍ଲିକ ଯାଇ ୱାଇଟନର ମାଗିଥିଲେ। ପରେ ସୁଯୋଗ ଦେଖି ଶିକ୍ଷକ ଜଣକ ଦୁଷ୍କର୍ମ କରିବାକୁ ଉଦ୍ୟମ କରିବା ସହ ମାଡ଼ ମାରି ମରଣାତ୍ମକ ଆକ୍ରମଣ କରିଥିଲେ।



ଅଙ୍ଗନୱାଡି କର୍ମୀ ଏନେଇ ୨୨ତାରିଖରେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଅଭିଯୁକ୍ତ ଶିକ୍ଷକ ଓ ତାର ସହଯୋଗୀକୁ ପୋଲିସ ଗିରଫ କରି ପାରି ନଥିବା ଜଣାପଡ଼ିଛି।ଅନ୍ୟ ପକ୍ଷରେ ବିନିକା ବିଇଓ ଲକ୍ଷ୍ମଣ ମିଶ୍ରଙ୍କୁ ପଚାରିବାରୁ ଗଣମାଧ୍ୟମରୁ ଏହି ଶିର୍ଷକାତର ପ୍ରସଙ୍ଗ ଉପରେ ଜାଣିବାକୁ ପାଇଲି। ଶିକ୍ଷକଙ୍କ ଦୁଇଦିନ ଛୁଟି ଆଜି ସରିଛି। ଆସନ୍ତାକାଲି ବୁଧବାର ସ୍କୁଲରେ ଯୋଗଦାନ ନକଲେ ଶିକ୍ଷକଙ୍କ ବିରୁଦ୍ଧରେ ପଦକ୍ଷେପ ନିଆଯିବ। ଯଦି ଘଟଣା ସତ୍ୟ ଅଟେ ଓ ଗିରଫ ହୋଇ ପୋଲିସ ହେପାଜତରେ ୨୪ଘଣ୍ଟା ରୁହନ୍ତି। ତେବେ ପୋଲିସ ଆମକୁ ଜଣାଇବାପରେ ସମ୍ପୃକ୍ତ ଶିକ୍ଷକଙ୍କ ଉପରେ ଶିକ୍ଷା ବିଭାଗ ତରଫରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ ଶ୍ରୀ ମିଶ୍ର କହିଛନ୍ତି।

# ବୌଦ୍ଧ ବିଜେପି ପକ୍ଷରୁ କଳା ଦିବସ ପାଳିତ



**ବୌଦ୍ଧ, ୨୫।୬(ସମିସ):** ଆଜି ବୌଦ୍ଧ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲାର ଦୁଇଟି ବିଧାନସଭା ବୌଦ୍ଧ ଓ କଣ୍ଟାମାଳରେ କଳା ଦିବସ ପାଳନ କରାଯାଇଛି। ବୌଦ୍ଧ ବିଧାନସଭା କ୍ଷେତ୍ରରେ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରାମେଶ୍ୱର ବିହାରଠାରେ ଏବଂ କଣ୍ଟାମାଳ ବିଧାନସଭା କ୍ଷେତ୍ରର କଣ୍ଟାମାଳ କଲ୍ୟାଣ ମଣ୍ଡପଠାରେ କଳା ଦିବସ ପାଳନ କରାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ ଜୁନ ମାସ ୨୫ ତାରିଖରେ ସାରା ଭାରତରେ ଜରୁରୀକାଳୀନ ପରିସ୍ଥିତି ଜାରି କରି ଦେଶର ସମସ୍ତ ବିରୋଧୀ ଦଳର ନେତାମାନଙ୍କୁ ବେଆଇନ ଭାବେ ବିଭିନ୍ନ କାରାଗାରରେ ଭର୍ତ୍ତି କରିଥିଲେ। କଂଗ୍ରେସର ଏହି ଗଣତନ୍ତ୍ର ବିରୋଧୀ ନିଷ୍ପତ୍ତି ପ୍ରତିବାଦରେ ଆଜି ଏହି ଦିନଟିକୁ ବିଜେପି ରାଜ୍ୟବ୍ୟାପୀ କଳା ଦିବସ ଭାବେ ସମସ୍ତ ନିର୍ବାଚନମଣ୍ଡଳୀରେ ପାଳନ କରିଛି। ବୌଦ୍ଧ ନିର୍ବାଚନମଣ୍ଡଳୀରେ କଳା ଦିବସ ଜିଲ୍ଲା ବିଜେପି ସଭାପତି ବିପ୍ର ଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେପି ଉପସଭାପତି ଶ୍ୟାମ ସୁନ୍ଦର ପୁରୋହିତ ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ମନରଞ୍ଜନ ଦାସ ଯୋଗଦେଇ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କୁ ଆଜିର କଳାଦିବସ ପାଳନର ତତ୍ପର୍ଯ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବୌଦ୍ଧ ଜିଲ୍ଲାର ଦୁଇଜଣ ସଂଗ୍ରାମୀ ସଚ୍ଚିଦାନନ୍ଦ ଦଲାଲ ଏବଂ ଦୂତୀଆ ସାହୁଙ୍କୁ ୧୫ ମାସ ଜେଲରେ ଜରୁରୀକାଳୀନ ସମୟରେ ବନ୍ଦୀ କରିଥିବା ଯୋଗୁଁ ସେମାନଙ୍କୁ ବିଜେପି ତରଫରୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତାପସ କୁମାର ପଟ୍ଟନାୟକ, ପ୍ରେମାନନ୍ଦ ମିଶ୍ର, ନାମିତାରାଣୀ ଦାସ, ନିରଞ୍ଜନ ଦାନୀ, ରାଜକୁମାର ମେହେର, ବଳରାମ ବାଘ, ବିଶିକେସନ ପ୍ରଧାନ, ବଂଶୀଧର ନାୟକ, ଶ୍ରୀକାନ୍ତ ଦନ୍ତା, ବ୍ୟୋମକେଶ ମହାପାତ୍ର, ନବୀନ ହୋତା ପ୍ରମୁଖ କର୍ମକର୍ତ୍ତା ଯୋଗଦାନ କରିଥିଲେ।

# ତରଭାରେ ପ୍ରଭୁ ଜଗନ୍ନାଥ ଦଧିବାମନ ନାମରେ ପୂଜିତ

**ତରଭା, ୨୨।୬(ସମିସ):** ତରଭା ସ୍ଥିତ ଜଗନ୍ନାଥ ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କ ସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ମନ୍ଦିରର ପୂଜକ କେଶବ ତ୍ରିପାଠୀ, ପରେଶ ପୁଜାରୀ, ସୁଧିର ପୁଜାରୀ, ଆଦିକନ୍ଦ ପାଣିଗ୍ରାହୀ, ସତ୍ୟ ନାରାୟଣ ପୁଜାରୀ, ଜୟନ୍ତ ପୁଜାରୀ, ପ୍ରଦୀପ ପାଣିଗ୍ରାହୀ, ଦେବବ୍ରତ ପଣ୍ଡା, ବାବୁ ବେଜ, ବିକ୍ରମ ମିଶ୍ର, ସଞ୍ଜୟ ମିଶ୍ର, ସାନ୍ତନୁ ପଣ୍ଡା, ଆଶିଷ ମିଶ୍ର, ପ୍ରଭାତ ମିଶ୍ର, ପ୍ରମୁଖ ସେବକ ପଣ୍ଡାମାନେ ରତ୍ନବେଦୀରୁ ପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡିରେ ଆଣି ଗରୁଡ଼ ସ୍ତମ୍ଭ ପାଖରେ ରଖିଥିଲେ। ସେଠାରେ ପୁଜାରୀ ଗୋପାଳକୃଷ୍ଣ ମିଶ୍ର ପ୍ରଭୁ ଜଗନ୍ନାଥଙ୍କ ପୁଜାର୍ଚ୍ଚନା କରିଥିଲେ। ଏଥିରେ କର୍ତ୍ତା ଭାବରେ ରତନ ଲାଲ ଅଗ୍ରୱାଲ କାର୍ଯ୍ୟ ସମ୍ପାଦନ କରିଥିଲେ। ପୁଜା କାର୍ଯ୍ୟ ସମାପନ ପରେ ପ୍ରଭୁ ଜଗନ୍ନାଥଙ୍କୁ ପଞ୍ଚାମୃତ ସ୍ନାନ କରାଯାଇଥିଲା। ପରେ ସୁବାସିତ ଜଳରେ ପ୍ରଭୁଙ୍କ ସ୍ନାନ କରାଯାଇଥିଲା। ସ୍ନାନ ନୀତି ଅନୁଷ୍ଠିତ ହେବା ପରେ ପ୍ରଭୁ ହାତିବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଜଗନ୍ନାଥଙ୍କୁ ପୁଣି ପଣ୍ଡାମାନେ ପହଣ୍ଡିରେ ଅଣସର ଘରକୁ ନେଇଥିଲେ। ପ୍ରଭୁ ଜଗନ୍ନାଥ ପନ୍ଦର ଦିନ ଅଣସର ଘରେ ରହିବା ପରେ ବଡ଼ ଦାଣ୍ଡରେ ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ରଥରେ ବାହାରି ମାଉସୀ ଘରକୁ ଯିବେ। ପ୍ରଭୁ ଜଗନ୍ନାଥଙ୍କ ସ୍ନାନ ନୀତି ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ହୋଇଥିଲା। ଏଥିରେ ଉପନଗରପାଳ ଗଗନ ଅଗ୍ରୱାଲ, ମଧୁ ପାଣ୍ଡେ, ସୁର୍ଯ୍ୟ ନାରାୟଣ ସାହୁ, ବୃକୋଦର ମେହେର, କ୍ଷେତ୍ରବାସୀ ସାହୁଙ୍କ ସମେତ ପରିଷଦ ତରଫରୁ ବିଶ୍ୱରଞ୍ଜନ ମିଶ୍ରଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବିଭିନ୍ନ ଦାବି ନେଇ ଉଠାଜଳସେଚନ ନିର୍ବାହୀଯନ୍ତ୍ରୀଙ୍କୁ ଘେରିଲେ ଚାଷୀ



**ବୌଦ୍ଧ, ୨୫।୬(ସମିସ):** ମଙ୍ଗଳବାର ବୌଦ୍ଧ ଉଠା ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ସେଲାଇ ନାଏକଙ୍କୁ ସେମାନଙ୍କ ସମସ୍ୟାର ସମାଧାନ ଦାବିରେ ମନମୁଣ୍ଡା ଅଞ୍ଚଳର ଗଭୀର ନଳକୂପ ହିତାଧିକାରୀ ଚାଷୀମାନେ ଘେରାଉ କରିଥିବା ଜଣାପଡ଼ିଛି। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ ସେମାନେ ଉଠା ଜଳ ସେଚନ ବିଭାଗ ଜରିଆରେ ଗତ ୨ ବର୍ଷରୁ ଅଧିକ ସମୟ ହେଲା ନିଜ ନିଜ ଜମିରେ ଗଭୀର ନଳକୂପ ଖନନ କରିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆ ଯାଇନାହିଁ। ଏ ସମ୍ପର୍କରେ ଚାଷୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଦାବୀ କରି ଆସୁଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ କାମ ଦାୟିତ୍ୱରେ ଥିବା ଠିକାଦାର କିମ୍ବା ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବର୍ତ୍ତମାନ ବିଳମ୍ବିତ ମୌସୁମୀ ସାଙ୍ଗକୁ ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷୀମାନେ ମରୁଡ଼ିର ଶିକାର ହେବା ଆଶଙ୍କା କରୁଛନ୍ତି। ଚାଷ ଜମିକୁ ଜଳସେଚନ ଉଦ୍ଦେଶ୍ୟରେ ଖନନ ହୋଇଥିବା ଏସବୁ ଗଭୀର କୂପ ବିଦ୍ୟୁତ ଅଭାବରୁ କାର୍ଯ୍ୟକ୍ଷମ ହୋଇପାରୁନଥିବା ବେଳେ ଉଠା ଜଳସେଚନ ବିଭାଗ ମଧ୍ୟ ନିରବ ରହୁଥିବା ଅଭିଯୋଗ କରିଛନ୍ତି ଚାଷୀ। ତେଣୁ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ ଚାଷୀ। ଉତ୍ୟକ୍ତ ଚାଷୀମାନଙ୍କ ସହ ନିର୍ବାହୀଯନ୍ତ୍ରୀ ଆଲୋଚନା କରିଥିଲେ ଓ ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

# ପ୍ରୋଟେକସନ ୱାଲ୍ ନିର୍ମାଣ ସହ ରାସ୍ତା ମରାମତି ଦାବି



**ଶଗଡ଼ା, ୨୫।୬(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ରୁଣ୍ଡିମହୁଲ ପଞ୍ଚାୟତ ଅନ୍ତର୍ଗତ ରୁଣ୍ଡିମହୁଲ ଗ୍ରାମଠାରୁ ରାଜ୍ୟ ରାଜପଥ ନଂ ୪୧ ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱ ପ୍ରତି ବର୍ଷ ଧୋଇ ଯାଉଛି। ବୌଦ୍ଧ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ଉଭୟ ପାର୍ଶ୍ୱ ବର୍ଷା ପାଣିରେ ଆସ୍ତେ ଆସ୍ତେ ଧୋଇ ଯାଉଛି। ଯାହା ଫଳରେ ରାସ୍ତା କ୍ରମଶଃ ସଂକୀର୍ଣ୍ଣ ହେବାକୁ ବସିଲାଣି। ଏଣୁ ଏହାର ରକ୍ଷଣା ବେକ୍ଷଣ ପାଇଁ ପ୍ରୋଟେକ୍ସନ ୱାଲ ନିର୍ମାଣ ସହ ଉକ୍ତ ରାସ୍ତା ମରାମତି କରାଯିବାକୁ ସାଧାରଣରେ ଦାବି ହେଉଛି।

# କଳା ଦିବସ ପାଳନ କଲା ବିଜେପି



**ଶଗଡ଼ା, ୨୫।୬(ସମିସ):** କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟାମାଳ କଲ୍ୟାଣ ମଣ୍ଡପରେ ବିଜେପି ପକ୍ଷରୁ କଳା ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲା ବିଜେପି ସଭାପତି ବିପ୍ର ଚରଣ ମହାନ୍ତି, ବିଜେପି ନେତା ଶେଷ କୁମାର ମେହେର, ଜିଲ୍ଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ପଦ୍ମାଳୟା ପ୍ରଧାନ, ଆଇନଜୀବୀ ଦୂତୀଆ ଚରଣ ସାହୁଙ୍କ ସହ ଅନେକ ମଣ୍ଡଳ ସଭାପତି ଓ ବିଜେପି କର୍ମୀ ଉପସ୍ଥିତ ଥିଲେ। ୧୯୭୫ ଜୁନ ୨୫ରେ ଘୋଷଣା ହୋଇଥିବା ଜରୁରୀକାଳୀନ ପରିସ୍ଥିତି ଓ ବିରୋଧୀ ଦଳ ନେତାଙ୍କ ପ୍ରତି ହୋଇଥିବା ଅତ୍ୟାଚାର ସମ୍ପର୍କରେ ବିଧାୟକ ଶ୍ରୀଡାଙ୍ଗ ବକ୍ତବ୍ୟ ରଖିଥିଲେ। ସେହିଦିନ ଠାରୁ ପ୍ରତିବର୍ଷ ଆଜିର ଦିନକୁ ଗଣତନ୍ତ୍ରରେ କଳା ଦିବସ ଭାବେ ପାଳିତ ହୋଇ ଆସୁଛି।

# ଟ୍ରାନ୍ସଫର୍ମର ପୋଡ଼ି ଯୋଗୁଁ ୧୫ ଦିନ ହେଲା ଜଳଯୋଗାଣ ବନ୍ଦ

**ଜହ୍ନାପଙ୍କ, ୨୫।୬(ସମିସ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ତେଲିବନ୍ଧ ଜଳ ଯୋଗାଣ ପ୍ରକଳ୍ପର ଟ୍ରାନ୍ସଫର୍ମର ପୋଡ଼ି ଯିବା ଯୋଗୁଁ ୧୫ ଦିନ ତେଲିବନ୍ଧ ଗ୍ରାମକୁ ଜଳ ଯୋଗାଣ ବନ୍ଦ ହୋଇଛି। ଫଳରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବର୍ତ୍ତମାନ ଟାଣ ଖରା ହେଉଥିବାରୁ ଗ୍ରାମରେ ପିଇବା ପାଣିର ସମସ୍ୟା ଦେଖା ଦେଇଛି। ଗାଁରେ ଥିବା ନଳକୂଅରୁ କ୍ଷାରଯୁକ୍ତ ପାଣି ବାହାରୁଥିବାରୁ ହାଇସ୍କୁଲ ଆଗରେ ଥିବା ଏକ ମାତ୍ର ନଳକୂପରୁ ପୁରୁଷ ଓ ମହିଳାମାନେ ଗରା ବାଲଟିରେ ସାଇକେଲ ଯୋଗେ ପାଣି ବୋହୁଛନ୍ତି। ସୂଚନାଯୋଗ୍ୟ ଯେ ୮ ବର୍ଷ ତଳେ ଗ୍ରାମବାସୀଙ୍କ ପାନୀୟ ଜଳ ସୁବିଧା ପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗଭୀର ନଳକୂଅ, ପମ୍ପ ହାଉସ ଓ ଓଭର ହେଡ଼ ଟାଙ୍କି ନିର୍ମାଣ କରାଯାଇଥିଲା। ପାଇପ ବିଛେଇ ଗାଁରେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇ ଜଳ ଯୋଗାଣ କରାଯାଉଥିଲା। ଏନେଇ ବାଉଁସୁଣୀ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଆଜି ଟ୍ରାନ୍ସଫର୍ମର ବସୁଛି ବୁଧବାର ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି କହିଛନ୍ତି।



# ବିପଦସଙ୍କୁଳ ଅବସ୍ଥାରେ କେନାଲ ହୁଡ଼ା

● ମରାମତି ଦାବି କଲେ ଚାଷୀ



**ଜହ୍ନାପଙ୍କ, ୨୫।୬(ସମିସ):** ବୌଦ୍ଧ ବ୍ଲକ ସଂଗ୍ରାମପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କନେକପୁର ଗ୍ରାମ ନିକଟରେ କେନାଲ ହୁଡ଼ା ବିପଦ ସଙ୍କୁଳ ଅବସ୍ଥାରେ ଥିବା ନେଇ ଚାଷୀ ଅଭିଯୋଗ କରିଛନ୍ତି। ସାଲୁଙ୍କି ଜଳ ସେଚନ ପ୍ରକଳ୍ପର ସାହାଜପାଲ ଆଡ଼କୁ ଯାଇଥିବା ମାଇନର କେନାଲ ବିପଦ ସଙ୍କୁଳ ଅବସ୍ଥାରେ ରହିଛି ଓ ବାରମ୍ବାର ଚାଷୀମାନଙ୍କ ଦାବିପରେ ମଧ୍ୟ ଜୁନ୍ ମାସ ଶେଷ ସପ୍ତାହ ପର୍ଯ୍ୟନ୍ତ ମରାମତି ହୋଇ ନଥିବା ହେତୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ବର୍ଷ ବର୍ଷା ଋତୁରେ ସେହି ସ୍ଥାନରେ କେନାଲ ଭାଙ୍ଗି ବହୁ ଚାଷ ଜମି ଧୋଇ ନେଇଥିଲା ଓ ତଳ ମୁଣ୍ଡକୁ ପାଣି ପହଞ୍ଚିବାରେ ଅନ୍ତରାୟ ସୃଷ୍ଟି ହୋଇଥିଲା ଫଳରେ ବହୁ ଚାଷୀ ବିଳମ୍ବରେ ଚାଷ କାର୍ଯ୍ୟ କରିଥିଲେ। ନିକଟରେ ହୋଇଥିବା ବୈଠକରେ ବିଭାଗୀୟ ଅଧିକାରୀ ସବୁ ଠିକ ଠାକ ଥିବା କହୁଥିବା ବେଳେ କେନାଲ ହୁଡ଼ା ଦୁର୍ବଳ ଥିବା ଚାଷୀ ଅଭିଯୋଗ କଲେ କେମିତି। ଏଥିରୁ ବାରି ହୋଇ ପଡୁଛି ଅଧିକାରୀ କ୍ଷେତ୍ର ପରିଦର୍ଶନ ନକରି କେବଳ ଅଫିସ ଏସି ରୁମ୍‌ରେ ବସି କ୍ଷେତ୍ର ପରିଦର୍ଶନ କରୁଛନ୍ତି। ବର୍ଷା ଆସିବା ପୂର୍ବରୁ ତୁରନ୍ତ ମରାମତି ପାଇଁ ଚାଷୀ ଦାବି କରିଛନ୍ତି।

# ସୋନପୁର ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ

## ଚଳିତ ବର୍ଷରୁ ପାଠ୍ୟକ୍ରମ ଆରମ୍ଭ ପାଇଁ ଦାବି

## ନୂଆ ସରକାର ଗଠନ ପରେ ବଢ଼ିଲା ଆଶା

**ସୋନପୁର, ୨୫।୦୬(ସମିସ)**

ବହୁ ନଦୀ ନାଳ ପ୍ରବାହିତ ହେଉଥିବା ଜିଲ୍ଲା ହେଉଛି ସୁବର୍ଣ୍ଣପୁର। ଜିଲ୍ଲାରେ ମହାନଦୀ, ଅଙ୍ଗନଦୀ, ତେଲ, ଶୁକତେଲ ଭଳି ନଦୀର ବିସ୍ତିର୍ଣ୍ଣ ଜଳରାଶି ସହ ବଡ଼ ବଡ଼ ନାଳ ଏବଂ ପୋଖରୀ ମଧ୍ୟ ରହିଛି। ଏଠାରେ ଜାତି ଜାତିକା ଦେଶୀ ଏବଂ ବିଦେଶୀ ମାଛ ମିଳିଥାଏ। ସୁବର୍ଣ୍ଣପୁର ଜିଲ୍ଲାରେ କେଉଟ, ଧୀବର, ଝରା ଭଳି ବିଭିନ୍ନ ସମ୍ପ୍ରଦାୟର ହଜାର ହଜାର ମତ୍ସ୍ୟଜୀବୀ ପରିବାର ବସବାସ କରୁଛନ୍ତି। ଜିଲ୍ଲାରେ ମତ୍ସ୍ୟ ଉତ୍ପାଦନ ସହ ଗବେଷଣା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ତେଣୁ ସୁବର୍ଣ୍ଣପୁରରେ ଏକ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପୂର୍ବ ସରକାର ନିଷ୍ପତ୍ତି ନେଇଥିଲେ। ଏନେଇ ପ୍ରାରମ୍ଭିକ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ତେବେ ଏଯାଏଁ କଲେଜ ପ୍ରତିଷ୍ଠା ଏବଂ ପାଠ୍ୟକ୍ରମ ଆରମ୍ଭ ନେଇ କୌଣସି ନୀତିଗତ ନିଷ୍ପତ୍ତି ହୋଇପାରିନାହିଁ। ନୂଆ ସରକାର ଗଠନ ପରେ ସୋନପୁରରେ ଶୀଘ୍ର ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ହୋଇଛି। ଚଳିତ ବର୍ଷ କଲେଜ ପ୍ରତିଷ୍ଠା ସହ ପାଠପଢ଼ା ଆରମ୍ଭ କରିବା ପାଇଁ ସ୍ଥାନୀୟ ସାଂସଦ ପ୍ରଚେଷ୍ଟା କରନ୍ତୁ ବୋଲି ସୋନପୁର ସଚେତନ ନାଗରିକ ମଞ୍ଚ ସଭାପତି ସୀତାଂଶୁ ଶେଖର ମିଶ୍ର ଦାବି କରିଛନ୍ତି। ସୋନପୁରରେ ଫିସରୀ କଲେଜ ପ୍ରତିଷ୍ଠା ପାଇଁ ମତ୍ସ୍ୟ ଓ



ପ୍ରାଣୀଧନ ବିଭାଗର ପ୍ରମୁଖ ସଚିବଙ୍କ ପ୍ରସ୍ତାବ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଡିପିଆର ପ୍ରସ୍ତୁତ ହୋଇଥିଲା। ଡିପିଆର ପ୍ରସ୍ତୁତି ସରିଥିଲେ ମଧ୍ୟ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ କୌଣସି ନୀତିଗତ ନିଷ୍ପତ୍ତି ହେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ ପଟ୍ଟନାୟକ କହିଛନ୍ତି ଯେ, ଭୁବନେଶ୍ୱରରୁ ଏକ ଟିମ୍ ପଠାଇ ସ୍ଥାନ ନିରୂପଣ କରି ନିଷ୍ପତ୍ତି ନେବା ପାଇଁ ଆମେ ଚିଠି ଲେଖିଥିଲୁ। ମହିଳା କଲେଜ ପୁରୁଣା କୋଠାରେ ଅସ୍ଥାୟୀ କ୍ୟାମ୍ପସ ଖୋଲିବା ପାଇଁ ଆମେ ପ୍ରସ୍ତାବ ଦେଇଥିଲୁ। ସରକାର ଚାହିଁଲେ ମହିଳା ମହାବିଦ୍ୟାଳୟର ପୁରୁଣା କ୍ୟାମ୍ପସରେ ଅସ୍ଥାୟୀ ଭାବେ କଲେଜ ଖୋଲିହେବ। ଜିଲ୍ଲାରେ ମଧୁର ଜଳ ମାଛ ଚାଷ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବାରୁ ଏକ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଜିଲ୍ଲାବାସୀଙ୍କ ପକ୍ଷରୁ ବହୁ ଦିନ ହେଲା ଦାବି ହୋଇ ଆସୁଛି। ଏନେଇ ଯୋଜନା ଓ ପରିସଂଖ୍ୟାନ ବିଭାଗ ଉପନିର୍ଦ୍ଦେଶକ ପକ୍ଷରୁ ସୁବର୍ଣ୍ଣପୁର ଜିଲାପାଳଙ୍କ ଜରିଆରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ସମ୍ପର୍କିତ ଅନୁରୋଧ ପତ୍ର ଗତବର୍ଷ ଜୁଲାଇ ୨୧ରେ ମତ୍ସ୍ୟ ଓ ପ୍ରାଣୀପାଳନ ବିଭାଗର ପ୍ରମୁଖ ସଚିବଙ୍କୁ ଲେଖା ଯାଇଥିଲା। ମତ୍ସ୍ୟ ଓ ପ୍ରାଣୀପାଳନ ବିଭାଗର ପ୍ରମୁଖ ସଚିବ ଭିତ୍ତିଭୂମି ସମୀକ୍ଷା ସହିତ ଆନୁସଙ୍ଗିକ ଖର୍ଚ୍ଚ, ଜମି ଆଦିର ବିସ୍ତୃତ ରିପୋର୍ଟ ମାଗିବା ସହ ଏକ କମିଟି ଗଠନ କରିବାକୁ ସୁବର୍ଣ୍ଣପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ତତ୍କାଳୀନ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରରେ ଏକ କମିଟି ଗଠନ ହୋଇଥିଲା। ଗତବର୍ଷ ଅଗଷ୍ଟ ୨୫ ତାରିଖରେ ଜିଲ୍ଲାପାଳ ଏକ ସବ୍ କମିଟି ଗଠନ କରିଥିଲେ ଏବଂ ଅକ୍ଟୋବର ୪ ତାରିଖରେ ଏହି କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନରେ ଥିବା ସମ୍ବଲପୁର ଜିଲ୍ଲା ଚିପିଲିମା ସ୍ଥିତ କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ମତ୍ସ୍ୟ ମହାବିଦ୍ୟାଳୟ ସକାଶେ ଡିପିଆର ପ୍ରସ୍ତୁତ ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଥିଲା। ସୂଚନା ଅନୁଯାୟୀ ମତ୍ସ୍ୟ ମହାବିଦ୍ୟାଳୟ ପାଇଁ ୫୦ ରୁ ୬୦ ଏକର ଜମି ଆବଶ୍ୟକ। ଏହି କ୍ୟାମ୍ପସ୍‌ରେ ଛୋଟରୁ ବଡ଼ ପୋଖରୀ, ଖେଳ ପଡ଼ିଆ, ଆଡମିନିଷ୍ଟ୍ରେଟିଭ୍ ବ୍ଲକ, ହଷ୍ଟେଲ ଆଦି ନିର୍ମାଣ କରାଯିବ। ମତ୍ସ୍ୟ ବିଭାଗର ସୁବର୍ଣ୍ଣପୁର ସରକାରୀ ଫାର୍ମରେ ୭୫ ଏକର ପରିମିତ ଅଞ୍ଚଳରେ ଏକାଧିକ ଛୋଟ ବଡ଼ ପୋଖରୀ ରହିଛି। ଏବେ ମହାବିଦ୍ୟାଳୟ ପ୍ରତିଷ୍ଠା ହେଲେ ବିଜୁ ପଟ୍ଟନାୟକ ମହିଳା ବିଦ୍ୟାଳୟର ପୁରୁଣା କୋଠାରେ ଅସ୍ଥାୟୀ କ୍ୟାମ୍ପସରେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାରେ କୌଣସି ସମସ୍ୟା ହେବ ନାହିଁ। ଏବେ ରାଜ୍ୟ ଏବଂ କେନ୍ଦ୍ର ଉଭୟରେ ବିଜେପି ସରକାର ଥିବାରୁ ସୋନପୁରରେ ପ୍ରସ୍ତାବିତ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସାଧାରଣରେ ଦାବି ହେଉଛି।

ପର୍ଯ୍ୟାପ୍ତ ଷ୍ଟୋରେଜ ବ୍ୟବସ୍ଥା ନାହିଁ

# ତରବରିଆ ଭାବେ ଚାଷୀ ବିକୁଛି ପିଆଜ

**ଭବାନୀପାଟଣା, ୨୫।୬(ସମିସ)**

କଳାହାଣ୍ଡି ଜିଲ୍ଲାରେ ପ୍ରଥମେ ଧାନ ଏବଂ କପା ପରେ ପିଆଜ ଚାଷ ପାଇଁ ସମଗ୍ର ଓଡ଼ିଶାରେ ଅନ୍ୟାନ୍ୟ ଜିଲ୍ଲା ଅପେକ୍ଷା ସ୍ଥିତିକୁ ସୁଦୃଢ଼ କରି ଆସିଛି। କିନ୍ତୁ ପିଆଜ ଚାଷକୁ ଦେଖିବାକୁ ଗଲେ କଳାହାଣ୍ଡି ଜିଲ୍ଲାର ଚାଷୀ ପୁଞ୍ଜି ଯୋଗାଡ଼ରୁ ଆରମ୍ଭ କରି ଉତ୍ପାଦିତ ପିଆଜର ବିକ୍ରିବଟାକୁ ନେଇ ସବୁବେଳେ ଚିନ୍ତାରେ ଥାଏ। କାରଣ କଳାହାଣ୍ଡି ଜିଲ୍ଲାରେ ପିଆଜ ଅଧିକ ଉତ୍ପାଦନ ହେଉଥିଲେ ମଧ୍ୟ ସାଇତି ରଖିବା ପାଇଁ କୌଣସି ପ୍ରକାର ସୁବିଧା ହୋଇପାରୁନାହିଁ। ବିଶେଷ କରି ପିଆଜ ଷ୍ଟୋରେଜ୍ ପଏଣ୍ଟର ଉପଲବ୍ଧତାର ଅଭାବ କାରଣରୁ ଚାଷୀ ଫସଲ ଉତ୍ପାଦିତ ହେବା କ୍ଷଣି ବଜାର ବ୍ୟବସ୍ଥା ଚିନ୍ତାରେ ପଡ଼ୁଛନ୍ତି। ଏଥି ପୂର୍ବରୁ କଳାହାଣ୍ଡି ଜିଲ୍ଲାରେ ଅନ୍ୟୁନ ୨୫୦୦ ମେଟ୍ରିକ୍ ଟନ୍ ପିଆଜ ଷ୍ଟୋରେଜର ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୫୦୦ ମେଟ୍ରିକ୍ ଟନର ଦୁଇଟି ଷ୍ଟୋରେଜ୍ ପଏଣ୍ଟ ଯଥାକ୍ରମେ ଗୋଟିଏ ଭବାନୀପାଟଣା ବ୍ଲକର ବୋର୍ଡାଠାରେ ଏବଂ ଅନ୍ୟଟି ଜୁନାଗଡ଼ ବ୍ଲକରେ କରିବା ପାଇଁ ସ୍ଥିର ହୋଇଥିଲା। ଏବେ ଜିଲ୍ଲାରେ ୪ଟି ବଡ ଷ୍ଟୋରେଜ ପଏଣ୍ଟ ହେବାକୁ ଯାଉଥିବା ଯାହା ସୂଚନା ମିଳୁଛି। ପୂର୍ବରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଯେଉଁ ଟେଣ୍ଡର ପଡ଼ିଥିଲା ତାହା ୧ କୋଟି ୫୮ ଲକ୍ଷ ଟଙ୍କାର ଜଣ ପଡ଼ିଥିଲା। ଫଳରେ ବିଭାଗ ହାଇ କଷ୍ଟ ଷ୍ଟେରେଜକୁ ନେଇ ଏଯାବତ୍ କୌଣସି ନିଷ୍ପତ୍ତିରେ ପହଞ୍ଚି ପାରି ନ ଥିଲା। ପୁଣି ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛନ୍ତି। ଷ୍ଟୋରେଜ୍ ପଏଣ୍ଟ ଆଗାମୀ ଦିନରେ କି ପ୍ରକାର ସ୍ଥିତିରେ ପହଞ୍ଚିବ ତାହା ଦେଖିବା କଥା। କଳାହାଣ୍ଡି ବଜାରରେ ବର୍ତ୍ତମାନ ପିଆଜ କେଜି ପିଛା ୫୦ ଟଙ୍କାରେ ବିକ୍ରି ଚାଲିଛି। ସ୍ଥାନୀୟ ଚାଷୀ ପିଆଜ ସାଇତା ଘରେ ରଖି ଖୁସିରେ ବିକ୍ରି କରି ଦୁଇ ପଇସା ଲାଭ ପାଉଥାନ୍ତା। କିନ୍ତୁ ପିଆଜ ରଖିବା ସମସ୍ୟା କାରଣରୁ ଚାଷୀ ବାଧ୍ୟହୋଇ କମ ଦରରେ ତରବରିଆ ଭାବେ ବିକ୍ରି କରୁଛି।



## ଜିଲ୍ଲାରେ ନାସିକ ପିଆଜର ରାଜୁତି

ଚଳିତବର୍ଷ ଯେତିକି ବିହନ ଜିଲ୍ଲାକୁ ଆସିବାର ଥିଲା ତାହା ଆସିନାହିଁ। ଫଳରେ ପୂର୍ବବର୍ଷ ତୁଳନାରେ ପିଆଜ ଚାଷ ହ୍ରାସ ପାଇବା ସମ୍ଭାବନା ଅଧିକ। ଗତବର୍ଷ ୨୭୬୮ ହେକ୍ଟର ଜମିରେ ପିଆଜ ଚାଷ ହୋଇଥିଲା ଏବଂ ୩୭୯୮୩ ମେଟ୍ରିକ ଟନ ପିଆଜ ଉତ୍ପାଦନ ହୋଇଥିବା ଜଣାଯାଇଛି। ଏଥର ଚାଷୀ ନିଜ ଉଦ୍ୟମରେ ୨୮୫୭ ହେକ୍ଟର ଜମିରେ ଚାଷ କରିଛି ସତ କିନ୍ତୁ ପିଆଜ ଉତ୍ପାଦନ କେତେହେବ ତାହା ଅନୁମାନ କରିବା ମୁସ୍କିଲ। ଅନ୍ୟପକ୍ଷରେ ଜିଲ୍ଲାରେ ବିଭାଗୀୟ ସହାୟତାରେ ୪୦୦ ହେକ୍ଟର ପିଆଜ ଚାଷ ହୋଇଛି। ସେଥିରୁ ପ୍ରାୟ ୧୫ହଜାର କ୍ୱିଣ୍ଟାଲ ପିଆଜ ହେବାର ଆକଳନ କରାଯାଇଛି। ହଜାର ହଜାର ପିଆଜ ଚାଷୀ ଷ୍ଟୋରେଜ୍ ପଏଣ୍ଟ କରୁଥିବା ବେଳେ ଅନ୍ୟ କେତେକ ଜାଗାରେ ଉଦ୍ୟାନ ବିଭାଗ ତରଫରୁ ଷ୍ଟୋରେଜ୍ ପଏଣ୍ଟ ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ତେବେ ଉଦ୍ୟାନ ବିଭାଗର ନିତି ନିୟମକୁ ଚାଷୀ ସାମ୍ନା କରିପାରୁନାହିଁ କାରଣ ଚାଷୀ ପ୍ରଥମେ ନିଜ ହାତରୁ ଦେଢ ଲକ୍ଷରୁ ଅଧିକ ଟଙ୍କା ବିନିଯୋଗ କରି କ୍ଷୁଦ୍ର ଷ୍ଟୋରେଜ୍ ନିର୍ମାଣ କଲା ପରେ ଉଦ୍ୟାନ ବିଭାଗ ପକ୍ଷରୁ ୮୫ ହଜାର ଟଙ୍କାର ସବସିଡି ସୁବିଧା ରହିଛି। ପିଆଜ ଚାଷ ପାଇଁ ଚାଷୀ ସମ୍ବଳ ଯୋଗାଡ କରୁ କରୁ ନିରାଶ ହେଉଥିବା ବେଳେ ଷ୍ଟୋରେଜ୍ ପଏଣ୍ଟ ପାଇଁ ଏତେ ଗୁଡ଼ିଏ ଟଙ୍କା ଯୋଗାଡ କରିବା ସମ୍ଭବ ହେଉନାହିଁ। ଯାହା ଦ୍ୱାରା ଷ୍ଟୋରେଜ୍ ପଏଣ୍ଟ ନ ଥିବା ଯୋଗୁଁ ଜିଲ୍ଲାରେ ବ୍ୟାପକ ପିଆଜ ଚାଷ ହେଉଥିଲେ ମଧ୍ୟ ଚାଷୀ ଦୁଇ ପଇସା ରୋଜଗାର କରିପାରୁନାହିଁ। ଅନ୍ୟପଟେ ନାସିକ ପିଆଜ ରାୟପୁର ଦେଇ ଜିଲ୍ଲାରୁ ପହଞ୍ଚିବା ପରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ସମସ୍ତେ ନାସିକ ପିଆଜ ପ୍ରତି ଭରସା କରିବା ସାର ହେଉଛି। ଏମିତି କି ଧୀରେ ଧୀରେ ପିଆଜ ଦର କିଲୋ ପିଛା ୩୦ ଟଙ୍କାରେ ବୃଦ୍ଧି ପାଇ ୮୦/୧୦୦ ଟଙ୍କାରେ ପହଞ୍ଚିବ। ପ୍ରାୟ ୧୭ ହଜାର ପରିବାର ପିଆଜ ଚାଷ ଉପରେ ନିର୍ଭର କରି ଆସୁଛନ୍ତି। ଗୋଲାମୁଣ୍ଡା, ଜୁନାଗଡ଼, ନର୍ଲା, କେସିଙ୍ଗା, ଭବାନୀପାଟଣା, କୋକସରା ବ୍ଲକରେ ପିଆଜ ଚାଷ ପ୍ରଚୁର ପରିମାଣରେ ହୋଇଥାଏ। ଉଦ୍ୟାନ ବିଭାଗ ଏହି ଚାଷ ପାଇଁ ଅଧିକ ଧ୍ୟାନ ଦେବା ସହ ରିହାତି ଯୋଗାଣ ପ୍ରକ୍ରିୟା ଅଧିକରୁ ଅଧିକ ଷ୍ଟୋରେଜ୍ ପଏଣ୍ଟ ନିର୍ମାଣ ପାଇଁ ଗୁରୁତ୍ୱ ଦେବାର ସମୟ ଆସିଛି। ଉଦ୍ୟାନ ବିଭାଗ ଉଚିତ୍ ପଦକ୍ଷେପ ଗ୍ରହଣ କଲେ କଳାହାଣ୍ଡି ଚାଷୀ ପିଆଜ ବିକ୍ରି ସମସ୍ୟାରୁ ମୁକ୍ତ ହେବେ। ପଶ୍ଚିମ ଓଡ଼ିଶାରେ ବଲାଙ୍ଗୀର ପରେ କଳାହାଣ୍ଡି ଜିଲ୍ଲା ପିଆଜ ଚାଷ ଚାହିଦାକୁ ନେଇ ଆଗକୁ ବଢୁଥିବା ଲକ୍ଷ୍ୟ କରାଯାଇଛି। ତଥାପି କଳାହାଣ୍ଡିରେ ନାସିକ ପିଆଜ ଉପରେ ହିଁ ନିର୍ଭର କରିବାକୁ ପଡୁଛି। ନାସିକ ପିଆଜ ରାୟପୁରରୁ ଆସିଲେ ତାହା ବଜାରରେ ବିକ୍ରିବଟା ହୁଏ। ରୋଷେଇଶାଳରେ ମହିଳା ମାନଙ୍କ ପାଇଁ ଆସିକୀ ପାଲଟୁଛି ନାସିକ ପିଆଜ। ପିଆଜ ଚାଷ ପାଇଁ କୃଷିର ଆଧୁନିକୀକରଣ ହେଲେ କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନ ହୋଇପାରିବ। କଳାହାଣ୍ଡିରେ ପ୍ରାୟ ଲୋକ କୃଷି ଉପରେ ନିର୍ଭରଶୀଳ ହୋଇଥିଲେ ସୁଦ୍ଧା ଲାଭଜନକ ଫସଲ ରୂପେ ପିଆଜ ଚାଷ ପ୍ରତି ମନ ବଳାଉନାହାନ୍ତି। କାରଣ କେବଳ ବଜାର ବ୍ୟବସ୍ଥା ଓ ଷ୍ଟୋରେଜ କ୍ଷେତ୍ରରେ ବିଭାଗ ଆବଶ୍ୟକ ସୁବିଧା ସୁଯୋଗ ପାଉନାହାନ୍ତି। ଭବାନୀପାଟଣା, ଗୋଲାମୁଣ୍ଡା, ଜୁନାଗଡ଼, ନର୍ଲା, କେସିଙ୍ଗା ଓ କୋକସରା ବ୍ଲକରେ ପିଆଜ ଚାଷ ଅଧିକ ମାତ୍ରାରେ କରାଯାଉଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ୩୨ଟି ପିଆଜ ସାଇତା ଘର ନିର୍ମାଣ ହେବାକୁ ନିଷ୍ପତ୍ତି ନିଆଯାଇଥିଲା। ୫-ଟି ଯୋଜନାରେ ୩୦ ପ୍ରତିଶତ ଅର୍ଥ ଯୋଗାଇବା ସହିତ ଉଦ୍ୟାନ ବିଭାଗର ଭିନ୍ନ ଭିନ୍ନ ସ୍କିମ ଜରିଆରେ ୧୫ଲକ୍ଷ ଟଙ୍କା ବ୍ୟୟରେ ପିଆଜ ସାଇତା ଘର ନିର୍ମାଣ ହୋଇଥାନ୍ତା। ସରକାର ବଦଳିବା ପରେ ସବୁ ଆଶା ମଉଳିଯାଇଛି। ଆଗକୁ ଜିଲ୍ଲା ପ୍ରଶାସନ ଚାଷୀର ସ୍ୱାର୍ଥରକ୍ଷା ନିମିତ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ମତପ୍ରକାଶ ପାଇଛି।

ଡୋଙ୍ଗରୀପାଲି ଗାଁରେ ଯୁବକଙ୍କ ଆତ୍ମହତ୍ୟା ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ



**କୋମନା, ୨୫।୬(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ଡୋଙ୍ଗରୀପାଲି ଗାଁର ଜଣେ ଯୁବକ ଗତ ୧୪ ତାରିଖରେ ଗାଁ ମୁଣ୍ଡର ଏକ ଗଛରେ ପିନ୍ଧିଥିବା ସାର୍ଟ ସାହାଯ୍ୟରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମୃତକ ସେହି ଗାଁର ଯୋଗେଶ୍ୱର ଶବରଙ୍କ ପୁଅ ବିକାସ ଶବର(୨୦)। ସୂଚନାନୁଯାୟୀ, ଗତ ଗୁରବାର ରାତ୍ର ୯ଟା ସମୟରେ ଅନ୍ୟ ଦୁଇଜଣ ସାଙ୍ଗକ ସହ କ୍ରୀଷ୍ଣା ଗ୍ରାମକୁ ଏକ ଭୋଜି ଖାଇବାକୁ ଯାଇଥିଲେ। ଭୋଜି ଖାଇସାରି ଗୋଟିଏ ଘଣ୍ଟା ପରେ ତିନିଜଣ ସାଙ୍ଗ ଘରକୁ ଫେରିବା ବାଟରେ ବିକାଶ ଗାଁ ମୁଣ୍ଡରୁ ଘରକୁ ଆସିନଥିଲେ। ଯାହାଦ୍ୱାରା ଘରଲୋକେ ପରେ ଆସିବ ବୋଲି ରାତ୍ରିରେ ଶୋଇ ପଡ଼ିଥିଲେ। ସକାଳେ ଗାଁରେ ଜଣେ ଯୁବକ ଅମୃହତ୍ୟା କରିଥିବା ଆଲୋଚନା ଶୁଣି ମୃତକଙ୍କ ବାପା ଯୋଗେଶ୍ୱର ଯାଇ ଦେଖିଲେ ଯେ ଆତ୍ମହତ୍ୟା କରିଥିବା ଯୁବକ ବିକାଶ। ଏହା ଜାଣିବାକୁ ପାଇ କୋମନା ଥାନାକୁ ଖବର ଦେବା ସହ ଅଭିଯୋଗ ଦେଇଥିଲେ। କୋମନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ପରିବାର ଲୋକେ ଏହା ଆତ୍ମହତ୍ୟା ନୁହେଁ ହତ୍ୟା ବୋଲି ସନ୍ଦେହ କରି କୋମନା ଥାନାରେ ଅଭିଯୋଗ କରି ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି। ଅପରପକ୍ଷରେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଥାନା ସୂତ୍ରରୁ ପ୍ରକାଶ ମିଳିଛି।

# ଫେରାର ଅଭିଯୁକ୍ତକୁ ଧରିଲା ପୁଲିସ

**ବଲାଙ୍ଗିର, ୨୫।୬(ସମିସ):** ଗତ ଜାନୁଆରୀ ୧ ତାରିଖରେ ପୁଲିସ ହେପାଜତରୁ ଫେରାର ମାରିଥିବା ଜଣେ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଛି ବଲାଙ୍ଗିର ସଦର ପୁଲିସ। ଅଭିଯୁକ୍ତ ଜଣକ ସିନ୍ଧେକେଲା ଥାନା ଅନ୍ତର୍ଗତ ଚିନ୍ଦାକୁଡ଼ା ଗ୍ରାମର ଭୋଜରାଜ୍ ବରିହା। ସୂଚନାନୁସାରେ ବଲାଙ୍ଗିର ସଦର ଥାନା ଅଞ୍ଚଳର ମାମଲାରେ ଭୋଜାରାଜ୍‌କୁ ଗିରଫ କରି ସିନ୍ଧେକେଲା ପୁଲିସ ବଲାଙ୍ଗିର ଆଣୁଥିଲା। ସିନଖମନ୍ ନିକଟରେ ଭୋଜରାଜ ସୁଯୋଗ ନେଇ ଫେରାର ମାରିଥିଲା। ପୁଲିସ ତାକୁ ଖୋଜୁଥିବା ବେଳେ ଗତକାଲି ତାକୁ ଧରିବାରେ ସଫଳ ହୋଇଛି। ମଙ୍ଗଳବାର ତାକୁ ପୁଣି କୋର୍ଟ ଚାଲାଣ କରାଯାଇଥିବା ସଦର ପୁଲିସ ସୂଚନା ଦେଇଛି।

# ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

**ଜୟପାଟଣା, ୨୫।୬(ସମିସ):** ଜୟପାଟଣା ବ୍ଲକ ଭଇଁରିପାଲି ପଞ୍ଚାୟତ ବିମଳା ଚିକୁନୁପଡ଼ାର ନବୀନ ରାଉତଙ୍କ ଘରେ ସଟ୍ ସର୍କିଟ ଯୋଗୁଁ ନିଆଁ ଲାଗି ଏକ କୋଠରି ଜଳିଯିବାରୁ ଘର ଭିତରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହ ନଗଦ ୬୦ ହଜର ଟଙ୍କା ଜଳି ପାଉଁଶ ହୋଇ ଯାଇଛି। ସୂଚନା ଅନୁସାରେ ନବୀନ ନିଜ ପରିବାର ସହ ଶଶୁର ଘରକୁ ଯାଇଥିଲେ। ମଙ୍ଗଳବାର ଅପରାହ୍ଣରେ ତାଙ୍କ ଘରେ ହଠାତ୍ ନିଆଁ ଲାଗି ଟିଭି, କୁଲର, ଗ୍ରାଇଣ୍ଡର ସମେତ ସମସ୍ତ ଆସବାବପତ୍ର ପୋଡ଼ି ଯାଇଛି। ଏହାସହ ନଗଦ ୬୦ ହଜାର ଟଙ୍କା ଜଳି ପାଉଁଶ ହୋଇଥିବା ସେ କହିଛନ୍ତି। ଘରେ ନିଆଁ ଲାଗିଥିବା ଦେଖି ସାଇ ପଡୋଶୀ ଲୋକ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବର ପାଇ ଜୟପାଟଣା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବର ପାଇ ଉଛୁଲା ଏଆରଆଇ ଉମାକାନ୍ତ ଡଙ୍ଗରି, କର୍ମଚାରୀ ପ୍ରଫୁଲ୍ଲ ମାଝୀ, ସମାଜସେବୀ ଦଇତାରୀ ଛତ୍ରିଆ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ବିନିକା ବ୍ଲକ୍‌ର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

**ବିନିକା, ୨୫।୬(ସମିସ):** ବୀରମହାରାଜପୁର ବିଧାନସଭା କ୍ଷେତ୍ର ଅଧିନସ୍ଥ ବିନିକା ବ୍ଲକ



କାର୍ଯ୍ୟାଳୟ ତରଫରୁ ଚାଲିଥିବା ଉନ୍ନତିମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି ବିଧାୟକ ରଘୁନାଥ ଜଗଦଳା। ଶ୍ରୀ ଜଗଦଳା ବିନିକା ବ୍ଲକକୁ ପହଞ୍ଚିବା ପରେ ବିଡ଼ିଓଙ୍କ ସହିତ ବ୍ଲକର ସମସ୍ତ କର୍ମଚାରୀ ଓ ପଞ୍ଚାୟତ ପ୍ରତିନିଧିଙ୍କ ତରଫରୁ ସ୍ୱାଗତ କରାଯାଇ ପାଛୋଟି ଅଣାଯାଇଥିଲା।ପରେ ଅନୁଷ୍ଠିତ ବୈଠକରେ ବିଧାୟକ ଯୋଗଦେଇ ବ୍ଲକ ତରଫରୁ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ନିର୍ବାଚନ ପ୍ରଚାର ସମୟରେ କର୍ମୀ ଏବଂ ଅଞ୍ଚଳବାସୀଙ୍କ ତରଫରୁ ଅଭିଯୋଗ ହୋଇଥିବା କେତୋଟି ପ୍ରମୁଖ ସମସ୍ୟାକୁ ବିଧାୟକ ଉପସ୍ଥାପନ କରି ଆଗାମୀ ଦିନରେ ତାର ସମାଧାନ ଓ ଆଗକୁ ହେବାକୁ ଯାଉଥିବା କାର୍ଯ୍ୟର ଅଗ୍ରଗତି ଉପରେ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୀର୍ଘ ୩ ଘଣ୍ଟାରୁ ଉର୍ଦ୍ଧ ସମୟ ଧରି ବିଧାୟକ ଶ୍ରୀ ଜଗଦଳା ସମୀକ୍ଷା କରିଥିଲେ।

# କରଙ୍ଗାଭଟା, ନାଏକପଡ଼ା ଓ କଲୋନୀପଡ଼ାରେ ପାଣି ସମସ୍ୟା

**କୋମନା, ୨୫।୬(ସମିସ):** ସ୍ୱଚ୍ଛ ପାନୀୟ ଜଳ ନିମନ୍ତେ ବିଗତ ସମୟରେ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ବସୁଧା ଯୋଜନା ମାଧ୍ୟମରେ ପାଣି ଟାଙ୍କି ନିର୍ମାଣ କରିଛନ୍ତି। ହେଲେ ଅଧିକାରୀଙ୍କ ଅପାରଗତା ଯୋଗୁଁ ତାହା ଲୋକଙ୍କ କାମରେ ଆସୁନଥିବା ଅଭିଯୋଗ ହୋଇଛି। ପ୍ରକାଶଯୋଗ୍ୟ ଅଟେ କୋମନା ବ୍ଲକ କରଙ୍ଗାଭଟା, ନାଏକପଡ଼ା ଓ କଲୋନୀପଡ଼ାକୁ ତିନି ବର୍ଷ ହେବ ପ୍ରକଳ୍ପ ମାଧ୍ୟମରେ ଗାଁ ଗାଁରେ ପାଇପ୍ ପୋତା କାମ ଶେଷ ହୋଇଛି। କିନ୍ତୁ ପାଣି ଆସିବାର ନାଁ ନେଉନାହିଁ। ଅନ୍ୟପଟେ ଗାଁରେ ଥିବା ନଳକୂପ ଗୁଡିକରୁ ଫ୍ଲୋରାଇଡ୍ ଯୁକ୍ତ ପାଣି ବାହାରୁଥିବାରୁ ଲୋକେ ପାଣି ପିଇବାକୁ ନାପସନ୍ଦ କରୁଛନ୍ତି। ଏନେଇ ଉକ୍ତ ଗ୍ରାମବାସୀ ବିଭିନ୍ନ ସମୟରେ ଜଳ ଯୋଗାଣ ବିଭାଗକୁ ଅବଗତ କରୁଥିଲେ ମଧ୍ୟ କର୍ଣ୍ଣପାତ କରୁନଥିବା ଯୋଗୁଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ହେବାରେ ଲାଗିଛି। ଏ ସମ୍ପର୍କରେ ଗାଁର ଜଣେ ସମାଜସେବୀ ଟୁଇଟି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ଦେବାରୁ ସେ ଉତ୍ତରରେ ପାନୀୟ ଜଳ ଯୋଗାଣ ସେହି ଗାଁରେ ଠିକ୍ ଚାଲିଥିବା କହିଛନ୍ତି।



# ବୋଲେରୋ ଧକ୍କାରେ ଯୁବକ ମୃତ

**ଉଲୁଣ୍ଡା, ୨୫।୬(ସମିସ):** ମନ୍ଦିର ଦର୍ଶନ କରିବାକୁ ସମ୍ବଲପୁର ଯାଉଥିବା ବେଳେ ଉଲୁଣ୍ଡା ଥାନା ଅନ୍ତର୍ଗତ ସାଲେସିଂ ବୁଲାଣି ରାସ୍ତାରେ ବୋଲେରୋ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ଜଣକ ହେଲେ ତରଭା ଥାନା ଅନ୍ତର୍ଗତ ଅତର୍ଡ଼ା ଗ୍ରାମର ମଛିନ୍ଦ୍ର (ମଣ୍ଟୁ) ଦଳବେହେରା ଏବଂ ଗୁରୁତର ଜଣକ ହେଲେ ରୁକୁଣ ପଧାନ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ଆଜି ମଣ୍ଟୁ ଏବଂ ରୁକୁଣ ଏକ ବାଇକ ଯୋଗେ ସମ୍ବଲପୁରକୁ ମନ୍ଦିର ଦର୍ଶନ କରିବାକୁ ଯାଉଥିଲେ। ପୂର୍ବାହ୍ଣ ପ୍ରାୟ ୧୧ଟା ସମୟରେ ସମ୍ବଲପୁର ପଟରୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ଏକ ବୋଲେରୋ ସାଲେସିଂ ବୁଲାଣି ରାସ୍ତାରେ ବାଇକ୍‌କୁ ଧକ୍କା ଦେଇଥିଲା ଫଳରେ ଉଭୟେ ଛିଟିକି ପଡ଼ିଥିଲେ। ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ଏବଂ ଆମ୍ବୁଲାନ୍ସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ସଦର ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ମଣ୍ଟୁଙ୍କୁ



ଡାକ୍ତଖାନାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ରୁକୁଣଙ୍କ ଗୋଡ ଭାଙ୍ଗୀ ଯାଇଥିବାରୁ ବୁର୍ଲା ଡାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଶବ ଜବତ କରିବା ଶହ ତଦନ୍ତ ଜାରୀ ରଖିଛି। ତେବେ ଦୁର୍ଘଟଣା ଘଟାଇଥିବା ବୋଲେରୋ ଗାଡ଼ିକୁ ପୋଲିସ ଜବତ କରିଛି।

# ସାମୂହିକ ଔଷଧସେବନ କାର୍ଯ୍ୟକ୍ରମ ପାଇଁ ପ୍ରଶିକ୍ଷଣ




**ସୋନପୁର, ୨୫।୬(ସମିସ):** ବାତଜ୍ୱର ନିରାକରଣ ପାଇଁ ଆଗାମୀ ଅଗଷ୍ଟ ୧୦ ତାରିଖରୁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଔଷଧ ପ୍ରଦାନକାରୀମାନଙ୍କର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ସମୀର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଚଢ଼େଇପଙ୍କ, ଉଲୁଣ୍ଡା ଏବଂ କ୍ଷେମାଲୋଏ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧିନସ୍ଥ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱେଚ୍ଛାସେବୀମାନେ ପ୍ରଶିକ୍ଷାର୍ଥୀ ଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ମ୍ୟାଲେରିଆ ପରିଦର୍ଶକ ବିଦ୍ୟୁତ ପ୍ରକାଶ ଖମାରୀ, ସ୍ୱାସ୍ଥ୍ୟକର୍ମୀ ବଟକୃଷ୍ଣ ପଣ୍ଡା ଏବଂ ରାଜେଶ କୁମାର ମେଣ୍ଡେଲି ଦାୟିତ୍ୱ ନିର୍ବାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ଏବଂ ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ସୁଧାଂଶୁ ଶେଖର ସେଠୀ ମଞ୍ଚାସୀନ ଥିଲେ।

# ବିଧାୟିକାଙ୍କୁ ପ୍ରାଥମିକ ଶିକ୍ଷକ ସଂଘର ସ୍ୱାଗତ ସମ୍ବର୍ଦ୍ଧନା




**ନର୍ଲା, ୨୫।୬(ସମିସ):** ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କୁ ନର୍ଲା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏନେଇ ନର୍ଲା ପ୍ରାଥମିକ ଶିକ୍ଷକ ଭବନ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶ୍ରୀମତୀ ମହାନ୍ତିଙ୍କ ସମେତ ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, କଳାହାଣ୍ଡି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବୀରେନ୍ଦ୍ର ବାଗ, ସାଧାରଣ ସମ୍ପାଦକ ଧୀରେନ୍ଦ୍ର ପଟ୍ଟନାୟକ, ଜିଲ୍ଲା କୋର୍ କମିଟି ସଦସ୍ୟ ତପନ କୁମାର ବେହେରା, ଥୁଆମୂଳ ରାମପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅଜିତ କୁମାର ନାୟକ, ନର୍ଲା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମୀନକେତନ ସାହୁ, ସାଧାରଣ ସମ୍ପାଦକ ଅମିତ କୁମାର ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ବିଧାୟିକା ଶ୍ରୀମତୀ ମହାନ୍ତିଙ୍କୁ ସଂଘ ପକ୍ଷରୁ ଉପଢୌକନ ଦେଇ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ବେଳେ ସେ ଶିକ୍ଷା ଭିତ୍ତଭୂମିର ବିକାଶ ଦିଗରେ ଶତ ପ୍ରତିଶତ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଶିକ୍ଷକ ଅନୀଲ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ନର୍ଲା ବ୍ଲକ ସମ୍ପାଦକ ଅମିତ କୁମାର ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ଶିକ୍ଷକ ଶରତ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବ୍ଲକର ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଶ୍ରୀମତୀ ମହାନ୍ତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ଜଳଯୋଗାଣ ପ୍ରକଳ୍ପ ଥାଇ ବି ମିଳୁନି ପିଇବା ପାଣି

**ନୂଆପଡ଼ା, ୨୫।୬(ସମିସ)**

ନୂଆପଡ଼ା ଜିଲ୍ଲା କୋମନା ଓ ଖଡ଼ିଆଳ ବ୍ଲକ ମଧ୍ୟସ୍ଥିତ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ବିସ୍ଥାପିତଙ୍କ ଦୁଃଖ ସରିବାର ନାଁ ନେଉନି। କୋମନା ବ୍ଲକ ରଜନା ଗାଁରେ ଜଳ ଯୋଗାଣ ପ୍ରକଳ୍ପ ଥିଲେ ବି ପଦରଭଟାପଡ଼ାର ଲୋକଙ୍କୁ ପିଇବା ପାଣି ମିଳୁ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ମଙ୍ଗଳବାର ପଦରଭଟାପଡ଼ା ଗାଁର ମହିଳାମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ କୋମନା ବ୍ଲକ ରଜନା ଗାଁର ଅନେକ ଲୋକଙ୍କ ଘରଦ୍ୱାର ଓ ଚାଷ ଜମି ଲିନ ହୋଇଥିଲା। ଗତ ୭ ବର୍ଷ ହେବ ବିସ୍ଥାପିତ ପରିବାର ରଜନା ଗାଁର ୱାର୍ଡ ନଂ ୫ ପଦରଭଟାପଡ଼ାରେ ନୂତନ ବସତି ସ୍ଥାପନ କରି ବସବାସ କରୁଛନ୍ତି। ଏଠି ୪୦ ପରିବାରରେ ପ୍ରାୟ ୩୦୦ ଲୋକେ ବସବାସ କରୁଛନ୍ତି। ପ୍ରକଳ୍ପରେ ଜମି, ଘର ହରାଇ ସର୍ବସ୍ୱାନ୍ତ ହୋଇ ଅସହାୟ ଜୀବନ ବିତାଉଛନ୍ତି। ଗରିବ ଶ୍ରେଣୀର ଲୋକେ କୂଲିମଜୁରୀ କରି ଜୀବିକା ନିର୍ବାହ କରୁଛନ୍ତି। ଏହି ଗାଁରେ ୨ଟି ନଳକୂଅ ରହିଥିଲେ ବି ମାତ୍ରାଧିକ ଫ୍ଲୋରାଇଡ଼ ଓ ପଥରଗୁଣ୍ଡ ମିଶ୍ରିତ ଗୋଳିଆ ପାଣି ବାହାରୁଛି। ଉକ୍ତ ନଳକୂଅରେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଛକି ଚିହ୍ନ ମରାଯାଇଛି। ତଥାପି ପାନୀୟ ଜଳର ବିକଳ୍ପ ବ୍ୟବସ୍ଥା ନ ଥିବାରୁ ବାଧ ହୋଇ ପ୍ରଦୂଷିତ



ପାଣିକୁ ଗାଁ ଲୋକେ ବ୍ୟବହାର କରି ପାଣି ଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅନେକ ଲୋକ ଦୂଷିତ ପାଣି ପିଇ ମୃତ୍ୟୁ ମୁଖରେ ପଡ଼ିଥିବା ବେଳେ ଅନେକ ଦିବ୍ୟାଙ୍ଗ ସାଜୁଛନ୍ତି। ଗତ ୭ ବର୍ଷ ତଳେ ବେଲଗାଁ ଓ ରଜନା ଗାଁ ଲୋକଙ୍କୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବସୁଧା ଯୋଜନା ନିର୍ମାଣ କାମ ଆରମ୍ଭ ହୋଇଥିଲା। ଗତ ୪ବର୍ଷ ହେବ ବସୁଧା ଯୋଜନା କାର୍ଯ୍ୟକ୍ଷମ ହୋଇ ବେଲଗାଁ ଓ ରଜନା ଗାଁ ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେଉଛନ୍ତି। କିନ୍ତୁ ପଦରଭଟାପଡ଼ାବାସୀ ପାଇପ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ବେଲଗାଁରେ ବସୁଧା ପ୍ରକଳ୍ପ ବସିଛି। ସେଠାରୁ ପାଣି ଉଠାଇ ରଜନାରେ ଓଭରହେଡ ଟ୍ୟାଙ୍କ ପାଣି ଗଚ୍ଛିତ ରଖି ଯୋଗାଣ ହେଉଛି। ଗତ ୬ ବର୍ଷ ହେବ ପଦ୍ରରଭଟାପଡ଼ାରେ ପାଇପ ଲାଇନ କାମ କାମ ସରିଛି। ବର୍ତ୍ତମାନ ସୁଦ୍ଧା ଷ୍ଟାଣ୍ଡପୋଷ୍ଟ ତିଆରି ହୋଇନାହିଁ। ଏନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ବି କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ୪ବର୍ଷ ହେବ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏବେ ବି ଗାଁ ଲୋକେ ପ୍ରଦୂଷିତ ପାଣି ପିଇ ରୋଗଗ୍ରସ୍ତ ହେଉଛନ୍ତି। ଗ୍ରାମର ମହିଳାମାନେ ଜିଲ୍ଲାପାଳଙ୍କ

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ରଜନା ଗ୍ରାମବାସୀ

ଦ୍ୱାରସ୍ଥ ହୋଇଥିଷଲ ହେଁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡାକ ଯୋଗେ ଦାବିପତ୍ର ପ୍ରଦାନ କରିଛନ୍ତି। ପରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରକାଶ କୁମାର ଦାସଙ୍କୁ ଭେଟି ପାଇପ ଯୋଗେ ପାଣି ଯୋଗାଇ ଦେବାକୁ ଗାଁର ଦ୍ରୁପସିଲା କଣ୍ଟା, ନବୀନା ହାତୀ, ରଶ୍ମିତା ଆଡଜୁଆତ, ସୁଜାତା ନିଆଲ, ଚନ୍ଦ୍ରକଳା ପୋଡ, ସୂର୍ଯ୍ୟ ପୋଡ, ପଦ୍ମାବତୀ ପୋଡ, ଉର୍ମିଳ ବାଗ ପ୍ରମୁଖ ଦାବି କରିଛନ୍ତି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

